# ଟ୍ରକ୍ ଧକ୍କାରେ ଛାତ୍ରୀ ମୃତ; କ୍ଷତିପୂରଣ ଦାବିରେ ରାସ୍ତାରୋକ

**ମୁନିଗୁଡ଼ା,୧୮।୩(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ଖୁଣ୍ଟବାଡ଼ି ଗ୍ରାମ ନିକଟରେ ଏକ ବାଇକକୁ ପଛପଟୁ ଟ୍ରକ୍ ଧକ୍କା ଦେବାରୁ ବାଇକରେ ବସିଥିବା ହାଇସ୍କୁଲ ଛାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଚାଳକ ଗୁରୁତର ଆହତ ହୋଇଛନ୍ତି। ମୃତ ଛାତ୍ରୀ ଜଣକ ଅମ୍ବାଦଳା ଥାନା ଅସୁରପଡ଼ା ଗ୍ରାମର ହୋଇଥିବାବେଳେ ଗୁରୁତର ଜଣକ ଅମ୍ବାଦଳା ଥାନା ଅନ୍ତର୍ଗତ ରାଣୀପିଣ୍ଡା ଗ୍ରାମର ଭଗବାନ ଦଣ୍ଡସେନା ବୋଲି ଜଣାପଡ଼ିଛି। ଭଗବାନଙ୍କୁ ପୁଲିସ ମୁନିଗୁଡ଼ା ଡାକ୍ତରଖାନା ପରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିଥିବା ପରିବାର ପକ୍ଷରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସୋମବାର ରାଣୀପିଣ୍ଡା ଗ୍ରାମର ଭଗବାନ ଦଣ୍ଡସେନା କୌଣସି କାର୍ଯ୍ୟରେ ମୁନିଗୁଡ଼ାରୁ ନିଜ ଗ୍ରାମକୁ ଫେରୁଥିବାବେଳେ ଅସୁରପଡ଼ାକୁ ଯିବା ପାଇଁ ପାତ୍ରଗୁଡ଼ା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଦୀପ୍ତି କାନ୍ଧପାଣି ସ୍କୁଲ ନିକଟରୁ ଲିଫ୍ଟ ମାଗି ବାଇକରେ ଯାଉଥିଲେ। ହେଲେ ଖୁଣ୍ଟବାଡ଼ି ଗ୍ରାମ ନିକଟରେ ବାଇକକୁ ପଛପଟୁ ଏକ ଟ୍ରକ୍ ଧକ୍କା ଦେବାରୁ ବାଇକରେ ବସିଥିବା ଛାତ୍ରୀ ଦୀପ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି।



ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଥିବାବେଳେ ଉତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଶହ ଶହ ଯାନବାହାନ ଭବାନୀପାଟଣା-ରାୟଗଡ଼ା ରାଜରାସ୍ତାରେ ଦୀର୍ଘ ସମୟ ଧରି ଅଟକି ରହିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଥିବାବେଳେ ଆମ୍ବାଦଳା ଥାନା ଆଇଆଇସି କଳ୍ପନା ବେହେରା, ମୁନିଗୁଡ଼ା ଥାନା ପୁଲିସ ଓ ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ କୁମାର ପାଢ଼ୀ, ମୁନିଗୁଡ଼ା ତହସିଲଦାର ଏମ୍. ଅନୁରାଧା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଏସଡିପିଓ ସନ୍ତୋଷିନୀ ଓରାମ ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେବା ସହ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଘଟଣାସ୍ଥଳରେ ଅମ୍ବାଦଳା ଥାନା ଏସଆଇ ରାମ ଶଙ୍କର ବାଗ, ଏଏସଆଇ ଉମାକାନ୍ତ ଶବର, ଏସଏସବିଏନ କର୍ମଚାରୀ ଏସଆଇ ଚକ୍ରଧର ବେହେରା, ଏସଆଇ ଏଫ ଏ ମହମ୍ମଦ, ଏସଆଇ ଜୟଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମାତାଲ ଅବସ୍ଥାରେ ସ୍କୁଲକୁ ଆସୁଛନ୍ତି ପ୍ରଧାନଶିକ୍ଷକ

# ବଦଳି ଦାବିରେ ଡିଇଓଙ୍କୁ ଭେଟିଲେ ଅଭିଭାବକ ଓ ଛାତ୍ରଛାତ୍ରୀ

**ରାୟଗଡ଼ା,୧୮।୩(ସମିସ)**

ବିଦ୍ୟାଳୟ ଭଳି ପବିତ୍ର ସ୍ଥାନକୁ ଅପବିତ୍ର କରିବାରେ ପଛାଉ ନାହାନ୍ତି ଶିକ୍ଷକ। ବିଦ୍ୟାଳୟର ଦାୟିତ୍ୱ ନେବା ଦିନଠାରୁ ମାତାଲ ହୋଇ ଆସୁଛନ୍ତି ପ୍ରଧାନଶିକ୍ଷକ। ନିୟମିତ ଭାବେ ବିଦ୍ୟାଳୟକୁ ଆସୁ ନ ଥିବାବେଳେ ଯେବେ ଯାଉଛନ୍ତି ଫୁଲ୍ ନିଶାରେ ଥାଆନ୍ତି ପ୍ରଧାନଶିକ୍ଷକ। ମଦୁଆ ପ୍ରଧାନଶିକ୍ଷକ ଅନେକ ସମୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବାବେଳେ ଦୁଇ ବର୍ଷ ଧରି ପ୍ରଧାନଶିକ୍ଷକଙ୍କ ଅବହେଳାରୁ ଠିକ୍ ଭାବେ

**● ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ କରୁଛନ୍ତି ଗାଳିଗୁଲଜ**

ମଧ୍ୟାହ୍ନ ଭୋଜନ ଖାଇପାରିନାହାନ୍ତି ଛାତ୍ରଛାତ୍ରୀ। ଏ ନେଇ ଛାତ୍ରଛାତ୍ରୀମାନେ ନିଜ ଅଭିଭାବକଙ୍କୁ ଜଣାଉଥିବାବେଳେ ଅଭିଭାବକମାନଙ୍କ ତଥା ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଅଭିଯୋଗ କଲେ ବି ତାଙ୍କ କଥାକୁ ଖାତିର୍ କରୁନାହାନ୍ତି ପ୍ରଧାନଶିକ୍ଷକ। ଏଭଳି



ସାଂଘାତିକ ଅଭିଯୋଗ ନେଇ ଯଥାଶୀଘ୍ର ବିଦ୍ୟାଳୟରୁ ମଦୁଆ ପ୍ରଧାନଶିକ୍ଷକଙ୍କୁ ବଦଳି କରିବା ପାଇଁ ସୋମବାର ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଗ୍ରାମବାସୀ, ଅଭିଭାବକ, ଛାତ୍ରଛାତ୍ରୀ, ଏସଏମସି କମିଟି ଏବଂ ଶିକ୍ଷକଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ଭେଟି ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଆଦିବାସୀ ବହୁଳ ରାୟଗଡ଼ା ଶିକ୍ଷା ଜିଲ୍ଲାର ସଦର ବ୍ଲକ୍ ଅନ୍ତର୍ଗତ ତେନ୍ତୁଲିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ନାମରେ ଆସିଛି ଏଭଳି ସଙ୍ଗିନ ଅଭିଯୋଗ।

ତେନ୍ତୁଲିଗୁଡ଼ା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପାଠ ପଢ଼ାଯାଉଛି। ଉକ୍ତ ବିଦ୍ୟାଳୟରେ ମୋଟ ୫୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୨୦୨୧ ନଭେମ୍ବର ମାସରେ ମାଣିକଝୋଲା ବିଦ୍ୟାଳୟରୁ ପଦୋନ୍ନତି ପାଇ ତେନ୍ତୁଲିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ସନ୍ତୋଷ କୁମାର ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। ଶିକ୍ଷକତା ଗୁଣ ଛାଡ଼ି ପ୍ରଧାନଶିକ୍ଷକ ବାବୁ ଜଣକ ନିୟମିତ ବିଦ୍ୟାଳୟକୁ ନ ଆସିବା ସହ ଯେଉଁ ଦିନ ଆସନ୍ତି ସେହିଦିନ ନିଶାସକ୍ତ ହୋଇ ଆସିଥାନ୍ତି ବୋଲି ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନେ ନିଜ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦୀର୍ଘ ୨ ବର୍ଷ ହେଲା ପ୍ରଧାନଶିକ୍ଷକ ଶ୍ରୀ ସାହୁ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ ପାଇଁ ମଧ ଟଙ୍କା ପ୍ରଦାନ କରୁ ନ ଥିବାରୁ ପିଲାମାନଙ୍କୁ ଭୋଜନ ଦେବା ପାଇଁ ଶିକ୍ଷକଶିକ୍ଷୟିତ୍ରୀମାନେ ନିଜ ସହାୟତାରେ ଏବଂ ଗ୍ରାମର ଅଭିଭାବକମାନେ ରନ୍ଧାଖାଦ୍ୟ ନିମନ୍ତେ ଆବଶ୍ୟକ ପନିପରିବା ଓ ରାସନ ସାମଗ୍ରୀ ଯୋଗାଇଥାନ୍ତି। ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ମାତାଲ ଅବସ୍ଥାରେ ବିଦ୍ୟାଳୟର ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ମଧ ଦାବିପତ୍ରରେ ଉଲ୍ଲେଖ ରହିଛି। ଏପରିକି ମାତାଲ ହୋଇ ରାତି ସମୟରେ ବିଦ୍ୟାଳୟରେ ଶୋଇ ପଡୁଥିବାବେଳେ ଅଫିସ ରୁମରେ ପରିଶ୍ରା କରିବା ସହ ଛାତ୍ରୀମାନଙ୍କ ଶୌଚାଳୟରେ ମଳତ୍ୟାଗ କରି ବାଲଟି ଘୋଡ଼ାଇ ଦିଅନ୍ତି। ତୁରନ୍ତ ଏଭଳି ମଦୁଆ ଓ ଦାୟିତ୍ୱହୀନ ପ୍ରଧାନଶିକ୍ଷକଙ୍କୁ ସ୍କୁଲରୁ ବଦଳି କରିବା ପାଇଁ ଦାବି ହୋଇଛି। ଏ ନେଇ ସମସ୍ତଙ୍କଠାରୁ ଦାବିପତ୍ର ଗ୍ରହଣ କରି ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି।

## ଗୋଷ୍ଠୀ ଚିକିତ୍ସାଳୟରେ ନାହିଁ ଅତ୍ୟାବଶ୍ୟକ ରସାୟନ

# ହୋଇପାରୁନି ରୋଗ ନିରୂପଣ; ଯନ୍ତ୍ରଣା ଭୋଗୁଛନ୍ତି ରୋଗୀ

**ମୁନିଗୁଡ଼ା,୧୮।୩(ସମିସ):** ରୋଗୀଙ୍କ ଉନ୍ନତମାନର ଚିକିତ୍ସା ନିମନ୍ତେ ସମସ୍ତ ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତ୍ୟାଧୁନିକ ଔଷଧ ସହିତ ରୋଗୀଙ୍କ ବିଭିନ୍ନ ପ୍ରକାରର ପରୀକ୍ଷା ପାଇଁ ରସାୟନ ସାମଗ୍ରୀ ଯୋଗାଇ ଦେଉଛନ୍ତି। ହେଲେ ଡାକ୍ତରଖାନାରେ ରସାୟନର ଅଭାବ

**● ଘରୋଇ ଚିକିତ୍ସାଳୟର ବଢୁଛି ପ୍ରାଦୁର୍ଭାବ; ଶୋଷଣ ହେଉଛନ୍ତି ରୋଗୀ**

ଯୋଗୁଁ ରୋଗୀମାନଙ୍କ ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା ହୋଇପାରି ନ ଥିବାରୁ ରୋଗୀମାନଙ୍କ ସହ ସେମାନଙ୍କ ସମ୍ପର୍କୀୟମାନେ ଘରୋଇ ଚିକିତ୍ସାଳୟକୁ ଯିବା ସହ ସେଠାରେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ସରକାରୀ ଗୋଷ୍ଠୀ ଚିକିତ୍ସାଳୟରେ। ୫ ମାସରୁ ଊର୍ଦ୍ଧ୍ୱ ହେଲାଣି ମୁନିଗୁଡ଼ା ମେଡିକାଲରେ ଅତ୍ୟାବଶ୍ୟକ ରସାୟନ ନ ଥିବାରୁ ଟାଇଫଏଡ୍, ଲିପିଡ୍ ପ୍ରୋଫାଇଲ୍, ଲିଭର୍ ସମସ୍ୟା ଭଳି ଅନେକ ରୋଗୀଙ୍କ ରୋଗ ନିରୂପଣ ହୋଇପାରୁନାହିଁ। ଯାହାକି ରୋଗୀମାନେ ମୁନିଗୁଡ଼ା ସହରରେ ଥିବା ଘରୋଇ ଚିକିତ୍ସାଳୟକୁ ରୋଗ ନିରୂପଣ ପାଇଁ ଯିବା ସହିତ ଅଯଥା ଖର୍ଚ୍ଚାନ୍ତ ହେବା ସହ ଯନ୍ତ୍ରଣା ଭୋଗୁଥିବା ଅଭିଯୋଗ ହେଉଥିବାବେଳେ ଅତ୍ୟାବଶ୍ୟକ ରସାୟନ ଅଭାବ ଯୋଗୁଁ ରୋଗ ନିରୂପଣ କରିବା ପାଇଁ ଡାକ୍ତର ମଧ ନିରୁପାୟ। ଏହାର ସୁଯୋଗ ନେଇ ସହରରେ ଥିବା ଘରୋଇ କ୍ଲିନିକଗୁଡ଼ିକ




ଫାଇଦା ଉଠାଇବା ସହ ରୋଗୀମାନେ ଶୋଷଣର ଶିକାର ହେଉଥିବା ଦେଖିବାକୁ ମିଳୁଛି।

ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୧୭ ପଞ୍ଚାୟତର ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀ ସେବା ପାଇଁ ନିର୍ଭର କରୁଥିବାବେଳେ ଅତ୍ୟାବଶ୍ୟକ ରସାୟନର ଅଭାବ ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାୟଗଡ଼ା ଜିଲ୍ଲାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ଯଦି ଏଭଳି ପରିସ୍ଥିତି, ତେବେ ଅଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପକେନ୍ଦ୍ରମାନଙ୍କ ଅବସ୍ଥା କିଭଳି ଥିବ ତାହା ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି। ଉକ୍ତ ସମସ୍ୟା ବିଷୟରେ ମୁନିଗୁଡ଼ା ଡାକ୍ତରଖାନାର ଅଧିକାରୀଙ୍କୁ ପଚାରିବାରୁ ପ୍ରତି ମାସରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେଉଛୁ, ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ପାରୁନି ତେଣୁ ଆମେ ନିରୁପାୟ ବୋଲି ଜଣାଇଥିଲେ। ତେବେ ଉକ୍ତ ସମସ୍ୟାକୁ ନେଇ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ରାଉତରାୟଙ୍କୁ ଯୋଗାଯୋଗ କରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ତେବେ ରୋଗୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେବା ସହ ଯଥାଶୀଘ୍ର ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅତ୍ୟାବଶ୍ୟକ ରସାୟନ ଯୋଗାଇଦେଲେ ରୋଗୀମାନେ ଅଯଥା ଖର୍ଚ୍ଚାନ୍ତ ଓ ଘରୋଇ କ୍ଲିନିକ୍ ଶୋଷଣରୁ ବଞ୍ଚିତ ହୋଇପାରିବେ ବୋଲି ଅଞ୍ଚଳବାସୀ ଆଶା ବାନ୍ଧିଛନ୍ତି।

# ପୌର ଉପାଧ୍ୟକ୍ଷାଙ୍କ ସ୍ୱାମୀ ଓ ବାପାଙ୍କ ଆକ୍ରମଣରେ କାଉନସିଲର ଆହତ

**ସୁନାବେଡ଼ା,୧୮।୩(ସମିସ):** ସୁନାବେଡ଼ା ପୌର ପରିଷଦ ଉପାଧ୍ୟକ୍ଷା ରତ୍ନ କଣ୍ଟାଙ୍କ ସ୍ୱାମୀ ରଘୁ ଦୁରିଆ ଏବଂ ବାପା ଧନୁର୍ଜୟ କଣ୍ଟାଙ୍କ ଆକ୍ରମଣରେ ୱାର୍ଡ ନଂ ୧୬ର କାଉନସିଲର ରବୀନ୍ଦ୍ର କୁମାର ପ୍ରଧାନ ଆହତ ହୋଇଛନ୍ତି। ଏନେଇ କାଉନସିଲର ରବିନ୍ଦ୍ର ସୁନାବେଡ଼ା ଥାନାରେ ପୌର ଉପାଧ୍ୟକ୍ଷାଙ୍କ ବାପା ଓ ସ୍ୱାମୀଙ୍କ ନାମରେ ଏତଲା ଦେଇଛନ୍ତି।

ଏତଲା ଅନୁଯାୟୀ, ସୁନାବେଡ଼ା ୩ ସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ରାତିରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୌର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ରଙ୍କ ସମେତ ସମସ୍ତ କାଉନସିଲର ଏବଂ ୩୫୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ। ପୌର ଅଧ୍ୟକ୍ଷ ଓ ଅନ୍ୟ କାଉନସିଲର ଆଲୋଚନା



କରୁଥିବାବେଳେ ପୌର ଉପାଧ୍ୟକ୍ଷା ରତ୍ନ କଣ୍ଟାଙ୍କ ବାପା ଧନୁର୍ଜୟ କଣ୍ଟା ଏବଂ ସ୍ୱାମୀ ରଘୁ ଦୁରିଆ ହଠାତ୍ କାଉନସିଲର ରବୀନ୍ଦ୍ର ପ୍ରଧାନଙ୍କୁ ଆକ୍ରମଣ କରିବା ସହ ତାଙ୍କ ଉପରେ ଲୁହା ବେଞ୍ଚ ପକାଇ ଲହୁଲୁହାଣ କରିଥିଲେ। ଏଥିରେ ରବୀନ୍ଦ୍ରଙ୍କ ମୁଣ୍ଡ ଓ କାନ୍ଧରେ ଗଭୀର ଆଘାତ ଲାଗିଛି। ଉପସ୍ଥିତ ପୌର ଅଧ୍ୟକ୍ଷ ଓ ଅନ୍ୟମାନେ ହସ୍ତକ୍ଷେପ କରି ରବୀନ୍ଦ୍ରଙ୍କୁ ସେମାନଙ୍କ କବଳରୁ ରକ୍ଷା କରିଥିଲେ। ଏହି ସମୟରେ ଧନୁର୍ଜୟ କଣ୍ଟା ଏବଂ ରଘୁ ଦୁରିଆ ତାଙ୍କୁ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହିତ ଦୁର୍ବ୍ୟବହାର କରି ଜୀବନରେ ମାରିଦେବାକୁ ଧମକ ଦେଇଥିବା ରବୀନ୍ଦ୍ର ଅଭିଯୋଗ କରିଛନ୍ତି। ପୌର ଉପାଧ୍ୟକ୍ଷା ରତ୍ନ କଣ୍ଟାଙ୍କ ପରିବାର ଲୋକଙ୍କ ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଭିଯୋଗକୁ ଭିତ୍ତିକରି ଆଇପିସି ୨୯୪/୩୨୩/୫୦୬/୩୪ରେ ଏକ ମାମଲା (୬୨/୨୪) ରୁଜୁ କରି ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ଏଏସ୍ଆଇ ବାଳକୃଷ୍ଣ ରଥ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ମିଥ୍ୟା ସତ୍ୟପାଠ ମାମଲାରେ ୱାର୍ଡ ସଭ୍ୟ ପଦ ରଦ୍ଦ

**ବିଷମକଟକ, ୧୮।୩(ସମିସ):** ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରାୟଗଡ଼ା ଜିଲ୍ଲା ବିଷମକଟକ ଗ୍ରାମ ପଞ୍ଚାୟତର ୱାର୍ଡ ନଂ ୩ର ୱାର୍ଡ ସଭ୍ୟ ବିଦ୍ୟାଧର ପ୍ରଧାନୀଙ୍କ ୱାର୍ଡ ସଭ୍ୟ ପଦକୁ ସୋମବାର ରଦ୍ଦ କରିଛନ୍ତି ବିଷମକଟକ କନିଷ୍ଠ ଦେୱାନୀ ବିଚାରପତି। ସୂଚନା ଯୋଗ୍ୟ ଯେ, ୨୦୨୧ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଦ୍ୟାଧର ପ୍ରଧାନୀ ବିଷମକଟକ ୱାର୍ଡ ନଂ ୩ରେ ୱାର୍ଡ ସଭ୍ୟ



ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରି ନିର୍ବାଚନରେ ଭାଗ ନେଇ ବିଜୟ ଲାଭ କରିଥିଲେ। ନିର୍ବାଚନ ପରେ ପ୍ରତିପକ୍ଷ ପ୍ରାର୍ଥୀ ଗୀତା ପ୍ରଧାନୀ ମିଥ୍ୟା ସତ୍ୟପାଠ ଦେଇ ବିଦ୍ୟାଧର ପ୍ରଧାନୀ ନିର୍ବାଚନ ଲଢ଼ିଥିବା ନେଇ କୋର୍ଟଙ୍କ ଆଶ୍ରୟ ନେଇ ମାମଲା ରୁଜୁ କରିଥିଲେ। ସୋମବାର ଏହି ମାମଲାର ଶୁଣାଣି କରି ବିଷମକଟକ କନିଷ୍ଠ ଦେୱାନୀ ବଚାରପତି ବିଦ୍ୟାଧରଙ୍କ ୱାର୍ଡ ସଭ୍ୟ ପଦକୁ ରଦ୍ଦ କରିଛନ୍ତି। କୋର୍ଟରେ ସଭ୍ୟ ପଦ ରଦ୍ଦ ହେବା ନେଇ ନିର୍ଦ୍ଦେଶ ଜାରି ହେବା ପରେ ବିଷମକଟକ ପଞ୍ଚାୟତର ୩ ନଂ ୱାର୍ଡ ସଭ୍ୟ ପଦ ଖାଲି ପଡ଼ିଛି। ପୁନଃ ନିର୍ବାଚନ କରି ସ୍ଥାନ ପୂରଣ ନିମନ୍ତେ ମଧ ନିର୍ଦ୍ଦେଶ ଜାରି ହୋଇଛି।

# ନୂତନ ପ୍ରଧାନଶିକ୍ଷକଙ୍କ ଦାୟିତ୍ୱ ଗ୍ରହଣ



**ମୁନିଗୁଡ଼ା,୧୮।୩(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷକ ଭାବରେ କୋଲା ବାମନ ମୂର୍ତ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କୋଲନରା ବ୍ଲକ୍ ରିଭଲକଣା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବରେ ଦାୟିତ୍ୱ ନିର୍ବାହ କରୁଥିଲେ। ଦୀର୍ଘ ୫ ମାସର ବ୍ୟବଧାନ ପରେ ଜଣେ ସ୍ଥାୟୀ ପ୍ରଧାନଶିକ୍ଷକ ଦାୟିତ୍ୱ ନେଇଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ଆଶ୍ୱସ୍ତି ଅନୁଭବ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅମ୍ବାଦଳା ସରକାରୀ ବିଦ୍ୟାଳୟଟି ରାୟଗଡ଼ା ତଥା ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଅଟେ। ଏହି ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ଓ ବିଜ୍ଞାନ ଶିକ୍ଷା ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଥିବାବେଳେ ସ୍ଥାୟୀ ପ୍ରଧାନଶିକ୍ଷକ ନ ଥିବାରୁ ଅନେକ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ରାୟଗଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ୟାମଘନ ଭୂୟାଁଙ୍କୁ ଆର୍ଥିକ କ୍ଷମତା ଦିଆଯାଇଥିବାବେଳେ ବରିଷ୍ଠ ଶିକ୍ଷକ ଗୋବିନ୍ଦ ଶବର ବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ରହିଥିଲେ। କାର୍ଯ୍ୟରେ ଯୋଗଦେବା ପରେ ବିଦ୍ୟାଳୟର ସର୍ବାଙ୍ଗୀଣ ଉନ୍ନତି ସହ ଏହାର ସୁନାମକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନୂତନ ପ୍ରଧାନଶିକ୍ଷକ ଶ୍ରୀ ମୂର୍ତ୍ତି ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କର୍ମଚାରୀ, ଅଭିଭାବକ ଓ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି।




**ରାଜ୍ୟ ସରକାର ଜିଲ୍ଲାକୁ ମକା ମିଶନରେ ସାମିଲ କରିବା ପରେ ବଢୁଛି ଚାଷୀଙ୍କ ସଂଖ୍ୟା**

# ମକା ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି ଯୁବ ଚାଷୀ





**ମାଲକାନଗିରି,୧୮।୩(ସମିସ)**

ଚାଷକୁ ପ୍ରୋତ୍ସାହନ ଯୋଗାଇବା ସହ ରାଜ୍ୟର ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଥିବାବେଳେ ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଲାଭଦାୟକ ଫସଲର ଚାଷ ପାଇଁ ଚାଷୀଙ୍କ ମଧ୍ୟରେ ବଢ଼ୁଛି ଆଗ୍ରହ। କିଛି ଏହିପରି ଆଗ୍ରହୀ ଚାଷୀଙ୍କ ଉଦାହରଣ ମାଲକାନଗିରି ଜିଲ୍ଲାରେ ଦେଖିବାକୁ ମିଳିଛି। ଯେଉଁଠି ବର୍ତ୍ତମାନ ଚାଷୀ ସରକାରୀ ସହାୟତାରେ ରଙ୍ଗୀନ ଫୁଲକୋବିଠାରୁ ଆରମ୍ଭ କରି ଷ୍ଟ୍ରବେରୀ, ପାନ, ବିଭିନ୍ନ ପରିବା, ମାଛଚାଷ ସହ ମକାଚାଷ କରି ବେଶ୍ ଲାଭବାନ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ତେବେ ଏହି ସବୁ ଚାଷ ମଧ୍ୟରେ ରାଜ୍ୟରେ ମକାଚାଷ କହିଲେ ନବରଙ୍ଗପୁର ଜିଲ୍ଲାର ନାମ ପ୍ରଥମେ ଆସୁଥିବା ବେଳେ ଏହି ଜିଲ୍ଲାରୁ ମକାଚାଷରୁ ଅନୁପ୍ରାଣିତ ହୋଇ ମାଲକାନଗିରି ପୌରାଞ୍ଚଳସ୍ଥିତ ଏମ୍‌ଭି ୪୩ ଗ୍ରାମର ସୂର୍ଯ୍ୟ ନମୋ ବର୍ତ୍ତମାନ ନାମ ହୋଇପାରିଛନ୍ତି ସ୍ୱାବଲମ୍ବୀ। ସୂର୍ଯ୍ୟ ଓ ତାଙ୍କ ସ୍ତ୍ରୀ ଗୀତା ଉଭୟ ଖାଲ ବୁହା ପରିଶ୍ରମ କରି ଏହି ମକା ବିଲରେ ଚାଷ କରୁଥିବାବେଳେ ବର୍ତ୍ତମାନ ଏହି ଚାଷ ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଗତ ୮ ବର୍ଷଧରି ରବିଋତୁରେ ସୂର୍ଯ୍ୟ ଦୁଇ ଏକର ଜମିରେ ମକାଚାଷ କରି ଆସୁଛନ୍ତି। ତେବେ ରେଳ ପ୍ରକଳ୍ପରେ ସୂର୍ଯ୍ୟଙ୍କ ଚାଷ ଜମି ଅଧିଗ୍ରହଣ ହେବାକୁ ଥିବାରୁ ଗତ ୨ ବର୍ଷ ଚାଷ କରି ନଥିଲେ ସୂର୍ଯ୍ୟ। ପ୍ରକଳ୍ପରେ ବିକଳ୍ପ ଯୋଗୁ ଏଥର ନିଜ ଭାଇର ଜମିକୁ ମିଶାଇ ୪ ଏକର ଜମିରେ ଦେଶୀ ମକା ଫଳାଇଛନ୍ତି ସୂର୍ଯ୍ୟ ଓ ତାଙ୍କ ପତ୍ନୀ। ଏଥିପାଇଁ ଏକର ପିଛା ୨୫ରୁ ୩୦ ହଜାର ଟଙ୍କା ଖର୍ଚ୍ଚ କରି ପ୍ରାୟ ୭୦ ହଜାର ଟଙ୍କା ଏକର ପିଛା ରୋଜଗାର କରନ୍ତି ସୂର୍ଯ୍ୟ ଓ ତାଙ୍କ ପତ୍ନୀ। ଦେଶୀ ମକାର ମାଲକାନଗିରି ବଜାରରେ ବେଶ୍ ଚାହିଦା ରହିଥିବାବେଳେ ସ୍ଥାନୀୟ ବ୍ୟବସାୟୀମାନେ ବର୍ତ୍ତମାନ ଅନେକ ସମୟରେ ନବରଙ୍ଗପୁର ଜିଲ୍ଲା ବଦଳରେ ସୂର୍ଯ୍ୟଙ୍କଠାରୁ ମକା କିଣି ବଜାରରେ ବିକ୍ରି କରୁଛନ୍ତି। ତେବେ ମାଲକାନଗିରି ଜିଲ୍ଲାକୁ ରାଜ୍ୟ ସରକାର ମକା ମିଶନରେ ସାମିଲ କରିଥିବାବେଳେ ଚଳିତ ବର୍ଷ ରବିଋତୁରେ ୨୦୦୦ ହେକ୍ଟର ଜମିରେ ମକା ଚାଷ ହେବା ଲାଗି କୃଷି ବିଭାଗ ଲକ୍ଷ୍ୟ ରଖିଥିବା ନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଯେ ସୂର୍ଯ୍ୟ ରାଓ ପ୍ରକାଶ କରିଛନ୍ତି। ମାଲକାନଗିରି ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ମକା ମିଶନରେ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ଖଇରପୁଟ, ମାଥିଲି ଓ କୋରୁକୋଣ୍ଡା ବ୍ଲକକୁ ଏଥିରେ ସାମିଲ କରାଯାଇଛି। ଏହି ମିସନରେ ଜିଲ୍ଲାକୁ ସାମିଲ ପରେ ଜିଲ୍ଲାର ଚାଷୀ ମକାଚାଷ ପାଇଁ ସରକାରୀ ସହାୟତାଠାରୁ ଆରମ୍ଭ କରି ବିକ୍ରୟ ପର୍ଯ୍ୟନ୍ତ ସବୁ ସୁବିଧା ପାଇବେ ବୋଲି ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ପରେ ଜିଲ୍ଲାରେ ସ୍ୱଳ୍ପ ପରିମାଣରେ ହେଉଥିବା ମକା ଉତ୍ପାଦନ ଆଗକୁ ଦ୍ୱିଗୁଣିତ ହେବା ସହ ବିଭିନ୍ନ ପ୍ରକାରର ମକା ଉତ୍ପାଦନ ଲାଗି ଚାଷୀଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି କୃଷି ଅଧିକାରୀ ଶ୍ରୀ ରାଓ ପ୍ରକାଶ କରିଛନ୍ତି। ଜିଲ୍ଲାରେ ମକା ମିଶନ ପରେ ଆଗକୁ ସୂର୍ଯ୍ୟଙ୍କ ପରି ଅନେକ ଚାଷୀ ମକାଚାଷ ଲାଗି ଆଗ୍ରହ ପ୍ରକାଶ କରିବେ। ବର୍ତ୍ତମାନ ମକାଚାଷ କରୁଥିବା ସୂର୍ଯ୍ୟ ଆଗାମୀ ଦିନରେ ସରକାରୀ ସହାୟତା ପାଇଲେ ଅଧିକ ପରିମାଣର ଚାଷ କରିବେ ବୋଲି ମତପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ଏହିପରି ପଦକ୍ଷେପକୁ ସେ ପ୍ରଶଂସା କରିଛନ୍ତି।

**■ ଚର୍ଚ୍ଚାରେ ନୟାଗଡ଼ର ଦୁଇ ଭଉଣୀ**

## ପଣିକିଆ ମାଧ୍ୟମରେ ଭୋଟରଙ୍କୁ ସଚେତନତା



**ମାଲକାନଗିରି,୧୮।୩(ସମିସ):** ଏଗାର କେ ଏଗାର ମତଦାନ ନାଗରିକର ଶ୍ରେଷ୍ଠ ଅଧିକାର, ଏଗାର ଦ୍ୱିଗୁଣେ ବାଇଶି ଭୋଟ ଦେବାକୁ ଆସ ମା' ମାଉସୀ। ଏହି ଗୀତରେ ମାଲକାନଗିରି ଜିଲ୍ଲାର ଦୁଇ ଭଉଣୀଙ୍କ ଅଭିନୟ ଓ ସଚେତନତା ବାର୍ତ୍ତା ଲୋକଙ୍କୁ ବେଶ୍ ଆକୃଷ୍ଟ କରୁଛି। ପଣିକିଆକୁ ବ୍ୟବହାର କରି ଲୋକଙ୍କ ନିକଟରେ ସଚେତନତାର ବାର୍ତ୍ତା ପହଞ୍ଚାଉଛନ୍ତି ଦୁଇ ଭଉଣୀ ଶୃତି ସୁଲଗ୍ନା ଓ ପ୍ରୀତି ସୁଲଗ୍ନା। ତେବେ ଏହାର ଅଡିଓ ରିଲିଜ ହୋଇଥିବାବେଳେ ଏବେ ମାଲକାନଗିରିର ବିଭିନ୍ନ ସ୍ଥାନରେ ଏହାର ସୁଟିଂ ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଗୀତ ପ୍ରସ୍ତୁତ କରି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଏଥିରେ ଅଭିନୟ କରିଥିବା ଦୁଇ ଭଉଣୀ ଶୃତି ସୁଲଗ୍ନା ଓ ପ୍ରୀତି ସୁଲଗ୍ନା ବର୍ତ୍ତମାନ ବେଶ୍ ଚର୍ଚ୍ଚା ସାଉଁଟିବା ସହ ପ୍ରଶଂସାର ପାତ୍ର ପାଲଟିଛନ୍ତି। ତେବେ ଏହି ଦୁଇ ଭଉଣୀଙ୍କ ବାପା ଓ ମା' ଶିକ୍ଷକତା କରୁଥିବାବେଳେ ବାପା କୁରେଶ କୁମାର ସାହୁ ମାଲକାନଗିରି ଜିଲ୍ଲାର କାଙ୍ଗୁରୁକୋଣ୍ଡା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି ଏବଂ ବଡ଼ ଝିଅ ଶୃତି ସୁଲଗ୍ନା ସେହି ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପାଠ ପଢୁଛନ୍ତି। ସେହିପରି ମା' ଶୁଭଶ୍ରୀ ଦାସ ନୟାଗଡ଼ ଜିଲ୍ଲାରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବାବେଳେ ସାନ ଝିଅ ପ୍ରୀତି ସୁଲଗ୍ନା ନୟାଗଡ଼ର ଦଶପଲ୍ଲା ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଦୁଇ କୁନି ଝିଅ ପୂର୍ବରୁ କରୋନା ମହାମାରୀ, ଭ୍ରୂଣହତ୍ୟା, ଅଂଶୁଘାତ, ସଡ଼କ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ଉପରେ ବିଭିନ୍ନ ସମୟରେ ଅନେକ ସଚେତନତାମୂଳକ ଗୀତ ଓ ବାର୍ତ୍ତାଦେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ପ୍ରାୟ ମାସକ ପୂର୍ବରୁ ୧୦କ ପଣିକିଆ ମାଧ୍ୟମରେ ମିଲେଟ୍ସ ବିଷୟରେ ଲୋକଙ୍କୁ ସଚେତନ କରି ଖୁବ ପ୍ରଶଂସା ସାଉଁଟିଥିଲେ। ହେଲେ ଏବେ ତାଙ୍କର ନୂଆ ଭିଡିଓ ପଣିକିଆ ମାଧ୍ୟମରେ ଭୋଟରଙ୍କୁ ସଚେତନତା କରିବା ସେମାନଙ୍କୁ ଆହୁରି ଅଧିକ ଚର୍ଚ୍ଚା ଆଣିଛି।

## ମାଓଦମନ ଅଭିଯାନବେଳେ ଇନାମୀ ମାଓବାଦୀ ଗିରଫ

**ମାଲକାନଗିରି,୧୮।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡ଼ର ସୁକୁମା ଜିଲ୍ଲାରେ ମାଓ ଦମନ ପାଇଁ ତଲାସି ଅଭିଯାନବେଳେ ଯବାନଙ୍କ ଦ୍ୱାରା ଜଣେ ୧ ଲକ୍ଷ ଟଙ୍କାର ଇନାମି ମାଓବାଦୀ ଗିରଫ ହୋଇଛି। ସୂଚନାନୁଯାୟୀ, ସୁକୁମା ଜିଲ୍ଲାର ତୋଙ୍ଗପାଲ ଜଙ୍ଗଲରେ ଡିଆରଜି ଓ ସିଆରପିଏଫର ଯବାନଙ୍କ ପକ୍ଷରୁ ମାଓ ଦମନ ପାଇଁ ତଲାସି ଅଭିଯାନ ହୋଇଥିଲା। ଏହି ସମୟରେ ଯବାନଙ୍କୁ ଦେଖି ସେଠାରୁ କିଛି ବ୍ୟକ୍ତି ଲୁଚି ପଳାଇବାକୁ ଉଦ୍ୟମ କରୁଥିଲେ। ତେବେ ଯବାନମାନେ ସନ୍ଦେହ କରି ସେମାନଙ୍କୁ ଧରିବାକୁ ଉଦ୍ୟମ ବେଳେ ଜଣେ ବ୍ୟକ୍ତିକୁ କାବୁକରି ପଚରାଉଚରା କରିବାକୁ ସେ ନିଜେ ଜଣେ ମାଓବାଦୀ ବୋଲି ସ୍ୱୀକାର କରିଥିଲା। ଅଧିକ ପଚରାଉଚରାବେଳେ ନିଜ ନାମ ହିଡ଼ମା ମଡ଼କାମ ବୋଲି ପ୍ରକାଶ କରିବା ସହ ସେ ଡିକେଏମଏସ ମାଓ ସଂଗଠନରେ ଅଧକ୍ଷ ଭାବେ କାର୍ଯ୍ୟ କରୁଥିବା ପ୍ରକାଶ କରିଥିଲା। ଏହା ସହ ତା ନାମରେ ୧ ଲକ୍ଷ ଟଙ୍କାର ଇନାମ ଥିବା ସହ ଅନେକ ହିଂସାକାଣ୍ଡ ମାମଲାରେ ସେ ଜଡ଼ିତ ଥିବା ଯବାନମାନେ ଜାଣିବା ପରେ ତାକୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛନ୍ତି। ଗିରଫ ମାଓବାଦୀ ନିକଟରୁ କିଛି ମାଓ ପୋଷ୍ଟର ଓ ନିତ୍ୟ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି।

## ପଟ୍ଟାଙ୍ଗି ବ୍ଲକ୍ କଂଗ୍ରେସର କର୍ମୀ ସମ୍ମିଳନୀ



**ପଟ୍ଟାଙ୍ଗି,୧୮।୩(ସମିସ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ସ୍ଥିତ ମିନି ଷ୍ଟାଡିୟମଠାରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ତଥା ଓଡ଼ିଶା ପ୍ରଦେଶର ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଜୟରାମ ପାଙ୍ଗିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀର ତିନିଟି ପଞ୍ଚାୟତ ସମିତି ତଥା ପଟ୍ଟାଙ୍ଗି, ସେମିଳିଗୁଡ଼ା ଓ ନନ୍ଦପୁରରୁ ଶତାଧିକ କର୍ମୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଭାପତି ମନୋଜ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ଉକ୍ତ ୩ ପଞ୍ଚାୟତରୁ ଆସିଥିବା ବିଭିନ୍ନ ଦଳର କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଥିବା ନେଇ କଂଗ୍ରେସ କର୍ମୀ ଅଭିନାଶ ହନ୍ତାଳ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ଦେଓପଟ୍ଟାଙ୍ଗି ସମିତିସଭ୍ୟ ଜଗତରାୟ ଖରା, ମୋଜେଶ ଖିଲ, ମୋଜେଶ ଗାଣ୍ଡେରୀ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ।

## ଗଞ୍ଜେଇ ଚାଲାଣକାରୀକୁ ୧୦ ବର୍ଷ ଜେଲ୍ ଓ ୧ ଲକ୍ଷ ଟଙ୍କା ଜରିମାନା

**● ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଅଦାଲତ ଶୁଣାଇଲେ ରାୟ**

**ରାୟଗଡ଼ା,୧୮।୩(ସମିସ):** ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବିଚାରାଧୀନ ଥିବା କଏଦୀ ଦଲସେର ସିଂକୁ ୧୦ ବର୍ଷ କାରାଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡ ଶୁଣାଣି କରିଛନ୍ତି ରାୟଗଡ଼ା ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଅଦାଲତର ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ। ସୋମବାର ଏହି ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଶ୍ରୀ ଷଡ଼ଙ୍ଗୀ ଏହି ଦଣ୍ଡବିଧାନ ରାୟ ଶୁଣାଇଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ୨୦୨୩ ମେ' ୨୯ ତାରିଖ ସକାଳେ ରାୟଗଡ଼ା ଅବକାରୀ ସଦର ଥାନା ଓଆଇସି ସଞ୍ଜୟ କୁମାର ପ୍ରଧାନ ଓ ତାଙ୍କ ଷ୍ଟାଫ୍ ମିଳିତ ଭାବେ ପଇଁତରା ମାରୁଥିବାବେଳେ ଏହି ସମୟରେ ହରିଆଣା ରାଜ୍ୟର ରାହାତକ ଜିଲ୍ଲା ଅନ୍ତର୍ଗତ ମକରାଖରୀ ଗ୍ରାମର ଦଲସେର ସିଂ ନାମକ ବ୍ୟକ୍ତି ରାୟଗଡ଼ା ରେଳ ଷ୍ଟେସନ ନିକଟରେ ଠିଆହୋଇଥିଲା। ଅବକାରୀ ପୁଲିସ ସନ୍ଦେହରେ ଯାଞ୍ଚ କରିବାରୁ ତା' ପାଖରୁ ୩୦ କେଜି ୩୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଥିଲା। ଦଲସେରଠାରୁ ଉକ୍ତ ଗଞ୍ଜେଇ ଜବତ ହେବା ପରେ ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟ କେସ୍ ନମ୍ବର ଟିଆର-୨୬/୨୩ ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସୋମବାର ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଅଦାଲତ ବିଚାରପତି ଶ୍ରୀ ଷଡ଼ଙ୍ଗୀ ଅଭିଯୁକ୍ତ ଦଲସେର ସିଂକୁ ୧୦ ବର୍ଷ ଜେଲ୍ ସହ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ବ୍ରଜସୁନ୍ଦର ନାୟକ ଓ ଅଭିଯୁକ୍ତଙ୍କ ତରଫରୁ ଓକିଲ ସୁଶାନ୍ତ ଖୋସଲା ମାମଲା ପରିଚାଳନା କରୁଥିଲେ।

## ପ୍ରଥମ ଥର ପାଇଁ ନିଜ ଗାଁ ବୁଥରେ ଭୋଟ୍ ଦେବେ ସ୍ୱାଭିମାନ ଅଞ୍ଚଳବାସୀ

**ମାଲକାନଗିରି,୧୮।୩(ସମିସ):** ପାଖେଇ ଆସୁଛି ୨୦୨୪ ନିର୍ବାଚନ। ତେବେ ଏହି ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଅବାଧ ରୂପେ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏହିକ୍ରମରେ ପୂର୍ବରୁ ମାଓ ଉପଦ୍ରବ ଥିବା ମାଲକାନଗିରି ଜିଲ୍ଲାରେ ମଧ୍ୟ ଅନେକ ପଦକ୍ଷେପ ନିଆଯାଇଛି। ଜିଲ୍ଲାରେ ପୂର୍ବରୁ ମାଓ ଭୟ ପାଇଁ ଚିତ୍ରକୋଣ୍ଡା ବ୍ଲକରେ ଥିବା ସ୍ୱାଭିମାନ ଅଞ୍ଚଳର ଅନେକ ଗ୍ରାମରେ ଭୋଟିଂ ପ୍ରକ୍ରିୟା ହୋଇ ପାରି ନ ଥିବାବେଳେ ଚଳିତ ବର୍ଷ କିନ୍ତୁ ସେହି ଅଞ୍ଚଳରେ ପ୍ରଥମ ଥର କରି ନିଜ ଗାଁ ବୁଥରେ ଭୋଟରମାନେ ଭୋଟଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଯାହାକୁ ନେଇ ଅଞ୍ଚଳବାସୀ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ସୂଚନାନୁଯାୟୀ, ପୂର୍ବରୁ ମାଓ ଭୟ ପାଇଁ ଜିଲ୍ଲାର ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ମତଦାନ ବୁଥଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ନାମକୁ ମାତ୍ର ଭୋଟ୍ ହେଉଥିଲା। କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଅନେକ ଥର ଲୋକେ ମାଓ ଭୟରେ ଭୋଟ ଦେବାକୁ ଭୟ କରୁଥିବାବେଳେ ନିର୍ବାଚନ ପ୍ରକ୍ରିୟାରେ ବାଧା ଉପୁଜିଥିଲା। ନିର୍ବାଚନ ପ୍ରକ୍ରିୟା ଦାୟିତ୍ୱରେ ଥିବା ପୁଲିଂ ପାର୍ଟି ମଧ୍ୟ



ପୂର୍ବରୁ ହେଲିକପ୍ଟରରେ ଯାଉଥିଲେ। ବର୍ତ୍ତମାନ କିନ୍ତୁ ସ୍ଥିତି ବଦଳିଛି ଆଉ ସ୍ୱାଭିମାନ ଅଞ୍ଚଳରେ ବିକାଶର ବାଟ ଫିଟିଛି। ରାଜ୍ୟ ସରକାରଙ୍କ ଦକ୍ଷ ରଣନୀତି ଓ କଡ଼ା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ଅଞ୍ଚଳରେ ମାଓଗଡ଼ ଧ୍ୱଂସ ହୋଇଛି। ପ୍ରାୟ ଗ୍ରାମକୁ ପକ୍କା ରାସ୍ତା, ମୋବାଇଲ ନେଟୱର୍କ ସହ ବିଭିନ୍ନ ସରକାରୀ ବ୍ୟବସ୍ଥା ପହଞ୍ଚି ପାରିଛି। ଯାହାଫଳରେ ଚଳିତ ବର୍ଷ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ସମେତ ଜିଲ୍ଲାର ସମସ୍ତ ମାଓ ପ୍ରଭାବିତ ଅଞ୍ଚଳର ନିର୍ଦ୍ଧାରିତ ମତଦାନ ବୁଥରେ ପୁଲିଂ ପାର୍ଟି ଅତି ସହଜରେ ପହଞ୍ଚି ପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂର୍ବ ପରି ଜିଲ୍ଲାରେ ଆଉ ହେଲିକାପ୍ଟରର ଆବଶ୍ୟକତା ନାହିଁ ବୋଲି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ସୂଚନା ଦେଇଛନ୍ତି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଜିଲ୍ଲାର ସ୍ୱାଭିମାନ ଅଞ୍ଚଳର ଅନେକ ଗ୍ରାମରେ ଲୋକେ ମତଦାନ କରିବା ପାଇଁ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସ୍ୱାଭିମାନ ଅଞ୍ଚଳରେ ଥିବା ୨ଟି ମତଦାନ କେନ୍ଦ୍ର ଯଥା ସନ୍ୟାସୀଗୁଡ଼ା ଏବଂ ଜନ୍ତ୍ରୀକୁ ପୁଲିଂ କର୍ମଚାରୀମାନେ ମୋଟର ବୋଟରେ ଯିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏହାପରେ ସ୍ୱାଭିମାନ ଅଞ୍ଚଳରେ ଲୋକେ ନିଜ ମତଜାହିର କରି ପାରିବେ ଜାଣି ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

## ଆଚରଣ ବିଧି ଲାଗୁ; ଗ୍ରାମାଞ୍ଚଳରୁ ହଟିନି ଦଳୀୟ ପୋଷ୍ଟର

**ପୋଡ଼ାଗଡ଼,୧୮।୩(ସମିସ):** ଆଦର୍ଶ ଆଚରଣ ବିଧି ଲାଗୁହୋଇ ଦୁଇ ଦିନ ବିତିଥିବାବେଳେ ସହରାଞ୍ଚଳ ଓ ବ୍ଲକମାନଙ୍କରେ ବିଭିନ୍ନ ଯୋଜନା, ଦଳୀୟ ପୋଷ୍ଟର ଓ ବ୍ୟାନରକୁ ହଟାଯାଇଥିବାବେଳେ ଗ୍ରାମାଞ୍ଚଳରୁ ଏପର୍ଯ୍ୟନ୍ତ ହଟିନାହିଁ। କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ମସ୍ତିପୁଟ ପଞ୍ଚାୟତର ବାଗ୍ରାଗୁଡ଼ା ଛକ ନିକଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଉକ୍ତ ଛକରେ ଏବେ ବି ଦଳୀୟ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ ପ୍ରଶାସନର ଉଦାସୀନ ମନୋଭାବ ହେତୁ ଏଥିରୁ ପୋଷ୍ଟର ହଟା ଯାଇପାରି ନଥିବା ଅଭିଯୋଗ ହୋଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ଦଳୀୟ ବ୍ୟାନର ହଟାଇବା ପାଇଁ ରବିବାର ସାମ୍ବାଦିକ ସମ୍ମିଳନୀ କରି ଅବଗତ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୋଷ୍ଟର ହଟି ନାହିଁ। ତେବେ ଏଠାରେ ସମ୍ପୂର୍ଣ୍ଣ ଭାବରେ ଆଦର୍ଶ ଆଚରଣ ବିଧି ଉଲଂଘନ ହୋଇଥିବା ସାଧାରଣ ଜନତାଙ୍କ ପକ୍ଷରୁ ମତପ୍ରକାଶ ପାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।




## ବାଲେଙ୍ଗା, ଲାଣ୍ଡୁଗୁଡ଼ାରେ ଅଜଣା ଜନ୍ତୁ ଭୟ

**● ବନ ବିଭାଗର ତଦନ୍ତ ଜାରି**

**କୋଷାଗୁମୁଡ଼ା,୧୮।୩(ସମିସ):** ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ବନାଞ୍ଚଳର କୁସୁମୀ ଫରେଷ୍ଟ ବିଟର ସଦର ବାଲେଙ୍ଗା ଗ୍ରାମ ପଞ୍ଚାୟତରେ କିଛି ମାସର ବ୍ୟବଧାନ ପରେ ପୁଣି ଅଜଣା ଜନ୍ତୁର ଭୟ ଘାରିଛି। ବାଲେଙ୍ଗା ଓ ଲାଣ୍ଡୁଗୁଡ଼ା ଗ୍ରାମକୁ ଲାଗି ରହିଥିବା ମିର୍ମିଣ୍ଡା ସଂରକ୍ଷିତ ଜଙ୍ଗଲରେ ଗତ କିଛି ଦିନ ହେବ ଅଜଣା ଜନ୍ତୁ ଆକ୍ରମଣରେ ପ୍ରାୟ ୩ ଗୋରୁଙ୍କ ମୃତ୍ୟୁ ଘଟିଛି। ଯାହାକୁ ନେଇ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ଲୋକେ ଭୟଭୀତ ହୋଇ ଜଙ୍ଗଲକୁ ଯିବାଆସିବା ବନ୍ଦ କରିଦେଇଛନ୍ତି। ଜଙ୍ଗଲକୁ ଲାଗି ଅନେକ ଲୋକଙ୍କ ଚାଷଜମି ଥିବାବେଳେ ଲୋକେ ଜମିକୁ ଯାଇ ନ ଥିବା ସୂଚନା ମିଳିଛି। ଏପରିକି ସନ୍ଧ୍ୟା ସମୟରେ ଲୋକେ ନିକଟ ଗାଁକୁ ଯିବାକୁ ବି ଭୟ କରୁଥିବା ଗ୍ରାମବାସୀ କହିଛନ୍ତି। ମୃତ ଗୋରୁଙ୍କ ନିକଟରୁ ବାଘ କିମ୍ବା ଅନ୍ୟ କୌଣସି ହିଂସ୍ରଜନ୍ତୁଙ୍କ ପାଦ ଚିହ୍ନ ନ ଦେଖି ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏନେଇ ଏକ ଭିଡିଓ, ଫଟୋ ମୋବାଇଲରେ ଭାଇରାଲ ହେବାରେ ଲାଗିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କୁ ଯୋଗାଯୋଗ କରିବାରେ, ସଂରକ୍ଷିତ ଜଙ୍ଗଲଟି ଛତିଶଗଡ଼ ରାଜ୍ୟ ସୀମାକୁ ଲାଗି ରହୁଥିବା ଯୋଗୁଁ ପ୍ରାୟ ହେଟାବାଘ ଆସୁଥିବା ଅନୁମାନ କରାଯାଉଛି। ବନ ବିଭାଗ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି। ବନ କର୍ମଚାରୀ ନଜର ରଖୁଛନ୍ତି। କିଛି ସୂଚନା ମିଳିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବିଭାଗ କର୍ମଚାରୀଙ୍କ ସୂଚନାକୁ ନେଇ ସିସି କ୍ୟାମେରା ଲଗାଇ ପ୍ରକୃତ କାରଣକୁ ଲୋକଲୋଚନକୁ ଅଣାଯିବ ବୋଲି ସେ କହିଛନ୍ତି।

**■ ଜିଲ୍ଲା ଆଇନଜୀବୀ ସଂଘ ନିର୍ବାଚନ**

## ସଭାପତି, ସମ୍ପାଦକ, ଉପସଭାପତି, କୋଷାଧ୍ୟକ୍ଷ ପାଇଁ ଦ୍ୱିମୁଖୀ ଲଢ଼େଇ

**ଜୟପୁର,୧୮।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଆଇନଜୀବୀ ସଂଘର ବିଭିନ୍ନ କର୍ମକର୍ତ୍ତା ପଦବୀ ପାଇଁ ଆସନ୍ତା ୩୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପାଇଁ ସଭାପତି, ସମ୍ପାଦକ, ଉପ ସଭାପତି, କୋଷାଧ୍ୟକ୍ଷ ପଦବୀ ପାଇଁ ଦ୍ୱିମୁଖି ଲଢ଼େଇ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ୭ଟି ପଦବୀ ପାଇଁ ୮ ଜଣଙ୍କ ମଧ୍ୟରେ ଲଢ଼େଇ ହେବା ନେଇ ନିଶ୍ଚିତ ହୋଇଛି। ସୋମବାର ଆଇନଜୀବୀ ସଂଘ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଅନ୍ତିମ ସୂଚୀ ପ୍ରକାଶ ପାଇଛି। ଯୁଗ୍ମ ସମ୍ପାଦକ, ସହକାରୀ ସମ୍ପାଦକ ପଦବୀ ପାଇଁ ୨ ଜଣ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ ସୁଦ୍ଧା ନିର୍ଦ୍ଧାରିତ ସମୟରେ ଉଭୟ ପଦବୀ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ନାମଙ୍କନ ପତ୍ର ପ୍ରତ୍ୟାହାର କରିବା ପରେ ଉଭୟ ପଦବୀର ପ୍ରାର୍ଥୀ ପି. ସନ୍ନ୍ୟାସୀ ରାଓ ଏବଂ ଅରୁଣ କୁମାର ଖଡ଼ଗରାୟ ବିନା ପ୍ରତିଦ୍ୱନ୍ଦିତାରେ ବିଜୟୀ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ୧୦ ଜଣଙ୍କ ମଧ୍ୟରୁ ୨ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ସେହିପରି ଲାଇବ୍ରେରୀ ସମ୍ପାଦକ ଭାବରେ ଗୌରୀଚରଣ ଦେବ ଶର୍ମା ଏବଂ ସହକାରୀ ଲାଇବ୍ରେରୀ ସମ୍ପାଦକ ଭାବରେ କାଳୀପ୍ରସାଦ ପୁରୋହିତ କେବଳ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେଣୁ ଉଭୟ ପୂର୍ବରୁ ଅପ୍ରତିଦ୍ୱନ୍ଦୀ ପ୍ରାର୍ଥି ଭାବେ ବିଜୟୀ ହୋଇଛନ୍ତି। ସଭାପତି ପଦବୀ ପାଇଁ ୨ପ୍ରାର୍ଥୀ ହେଲେ ତ୍ରିନାଥ ସିଂ ଲାଲ ଏବଂ ପ୍ରଫୁଲ୍ଲ ଦାସ, ସମ୍ପାଦକ ପାଇଁ ମହେନ୍ଦ୍ର ଅଧିକାରୀ ଏବଂ ଉଦିତ ପ୍ରତାପ ଖୋସ୍ଲା, ଉପସଭାପତି ପାଇଁ ସତ୍ୟବ୍ରତ ପାଢ଼ୀ ଏବଂ ଗୋକୁଳ ସୂର୍ଯ୍ୟ, କୋଷାଧ୍ୟକ୍ଷ ଭାବେ ସହଦେବ ପଟ୍ଟନାୟକ ଏବଂ ଭି. ରାମାନୁଜ ପ୍ରସାଦ ପ୍ରାର୍ଥୀ ରହିଛନ୍ତି। ସେହିପରି ୭ଟି କାର୍ଯ୍ୟକାରୀ ସଦସ୍ୟ ପଦବୀ ପାଇଁ ୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା ପାଇଁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ପ୍ରକାଶ ଯେ, ନିର୍ବାଚନ ପ୍ରକ୍ରିୟା ଆରମ୍ଭ ପରେ ୪୧ଟି ନାମାଙ୍କନ ପତ୍ର ଗ୍ରହଣ ସହିତ ୨୮ଟି ଦାଖଲ ହୋଇଥିଲା। ଆସନ୍ତା ୩୦ ତାରିଖରେ ପୂର୍ବାହ୍ନ ୮ରୁ ୩ଟା ପର୍ଯ୍ୟନ୍ତ ଭୋଟଦାନ ଅପରାହ୍ନ ୪ଟାରୁ ଭୋଟ ଗଣତି ଏବଂ ସନ୍ଧ୍ୟାରେ ବିଜୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଜୟପୁର ଜିଲ୍ଲା ଆଇନଜୀବୀ ସଂଘରେ ସମୁଦାୟ ୪୪୩ ଜଣ ସଦସ୍ୟ ଭୋଟଦାନ କରିବେ।

## ଗୁଡ଼ାରୀ ଜାଗରଣ କାର୍ଯ୍ୟାଳୟରେ ବୃନ୍ଦାବନ ଜେନାଙ୍କ ସ୍ମୃତିଚାରଣ



**ଗୁଡ଼ାରୀ,୧୮।୩(ସମିସ):** ଗୁଡ଼ାରୀ ଜାଗରଣ କାର୍ଯ୍ୟାଳୟରେ ସୋମବାର ସ୍ୱର୍ଗତ ବୃନ୍ଦାବନ ଜେନାଙ୍କ ଆତ୍ମାର ସଦଗତି ନିମନ୍ତେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେବା ସହ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶୋକସଭାରେ ଫାର୍ (ଏନଜିଓ) ସଂସ୍ଥାର ଟିମ୍ ଲିଡର ପୁରେନ୍ଦ୍ର ବନ୍ଧ ଉପସ୍ଥିତ ଥିବାବେଳେ ଗୁଡ଼ାରୀ ବ୍ଲକର ବାଘମାରୀ, ତଳ ଖାରିଗୁଡ଼ା, ଉପର ଖେତାଗୁଡ଼ା, ଗୁମି ଖାରିଗୁଡ଼ା, କୁଟୁଗାଁ, ତୁରୁଡ଼ି, ଗାଡ଼ିଗୁଡ଼ା ଲୋକମାନେ ଶ୍ରୀ ଜେନାଙ୍କ ଶୋକସଭାରେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ଶ୍ରୀ ଜେନାଙ୍କ ଆଦର୍ଶ ତଥା ପଞ୍ଚାୟତର ଜନଜାତିମାନଙ୍କ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ଦ୍ୱାରା ଆଜି ଆମ୍ଭେ ମୁଖ୍ୟ ସ୍ରୋତରେ ପହଞ୍ଚିପାରିଛୁ ବୋଲି କହିଛନ୍ତି। ଏଥିରେ ଗୁଡ଼ାରୀ ଜାଗରଣର କୋଷାଧ୍ୟକ୍ଷ ଅଜୟ କୁମାର ଶତପଥି, ଟିମ୍ ଲିଡର ରମେଶ କୁମାର ବେହେରା, ସହସମ୍ପାଦକ ରବିନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ଓଟିଇଏଲପି ପ୍ଲସ୍ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# କାମରେ ଲାଗୁନି କୁମାରଗନ୍ଧଣା ଗୋଷ୍ଠୀ ଶୌଚାଳୟ

**ନନ୍ଦପୁର,୧୮।୩(ସମିସ)**

**■ ପାଣିରେ ପଡ଼ିଲା ଲକ୍ଷାଧିକ ଟଙ୍କା**
**■ ଜଳ ଯୋଗାଣ ଅଭାବ; ନିର୍ମାଣ ପରଠାରୁ ପରିତ୍ୟକ୍ତ ଅବସ୍ଥା**

ନନ୍ଦପୁର ଥାନା ଅନ୍ତର୍ଗତ କୁମାର ଗନ୍ଧଣା ପଞ୍ଚାୟତସଦର ଗ୍ରାମରେ ଲକ୍ଷାଧିକ ଟଙ୍କାରେ ନିର୍ମିତ ହୋଇଥିବା ଗୋଷ୍ଠୀ ଶୌଚାଳୟ କାମରେ ଲାଗୁନି। ରକ୍ଷଣାବେକ୍ଷଣ ଓ ଜଳ ଯୋଗାଣ ବ୍ୟବସ୍ଥା ହୋଇ ନଥିବାରୁ ନିର୍ମାଣ ପରଠୁ ତାହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଫଳରେ ଏବେ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଦିଗରେ ଦୃଷ୍ଟି ଦେଇ ଶୌଚାଳୟକୁ କାର୍ଯ୍ୟକ୍ଷମ କରିବା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। କୁମାର ଗନ୍ଧଣା ବିଚ୍ଛିନ୍ନାଞ୍ଚଳର ଚାରି ଗ୍ରାମ ପଞ୍ଚାୟତ ମଧ୍ୟରେ କୁମାର ଗନ୍ଧଣା ପଞ୍ଚାୟତ ଏକ ବୃହତ୍ତ ପଞ୍ଚାୟତ ହୋଇଥିବାବେଳେ ଏଥିରେ ଅଧିକ ୱାର୍ଡ ମଧ୍ୟ ରହିଛି। ମୋଟ ପାଞ୍ଚଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କୁମାର ଗନ୍ଧଣା ପଞ୍ଚାୟତ ସଦର ଗ୍ରାମବାସୀ ଓ ବିଭିନ୍ନ କାର୍ଯ୍ୟରେ ଗ୍ରାମ ପଞ୍ଚାୟତକୁ ଆସୁଥିବା ଜନ ସାଧାରଣଙ୍କ ପାଇଁ ଗୋଷ୍ଠୀ ଶୌଚାଳୟ ନିର୍ମିତ ହୋଇଥିଲା । ପାଞ୍ଚ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶୌଚାଳୟ ଉପଯୁକ୍ତ ରକ୍ଷଣାବେକ୍ଷଣ ସାଙ୍ଗକୁ ବ୍ୟବହାର ନ ହୋଇ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଶୌଚାଳୟ ବ୍ୟବହାର ପାଇଁ ଜଳ ଅଭାବ ହେଉଥିବାରୁ ଏହା କାର୍ଯ୍ୟକ୍ଷମ ହୋଇ ନ ପାରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି ବୋଲି ଗ୍ରାମବାସୀ କହିଛନ୍ତି। ହେଲେ ଶୌଚାଳୟ କାର୍ଯ୍ୟକାରୀ ପାଇ ଜଳ ଯୋଗାଣର ବ୍ୟବସ୍ଥା ନ କରି କିପରି ଏହା ନିର୍ମାଣ ହେଲା ତାହାକୁ ନେଇ ଏବେ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଗୋଷ୍ଠୀ ଶୌଚାଳୟ ପାଇଁ ଘର ନିର୍ମାଣ କରି କେବଳ କର୍ତ୍ତୃପକ୍ଷ କାମ ସାରିଦେଇଥିବା ଗ୍ରାମବାସୀ କହିଛନ୍ତି। ଜଳ ଯୋଗାଣ ପାଇଁ ନଳକୂଅ ଖୋଳାଯାଇଥିଲେ ମଧ୍ୟ ଜଳଯୋଗାଣ ବ୍ୟବସ୍ଥା କରାଯାଇନାହିଁ। ଦୁଇ ବର୍ଷ ହେବ ଗୋଷ୍ଠୀ ଶୌଚାଳୟ ନିର୍ମାଣ ପରେ ମଧ୍ୟ କାର୍ଯ୍ୟକାରୀ ପାଇଁ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପରିତ୍ୟକ୍ତ ହୋଇ ରହିଥିବା ଗୋଷ୍ଠୀ ଶୌଚାଳୟ ପୁନରୁଦ୍ଧାର କରାଗଲେ ଅଞ୍ଚଳବାସୀଙ୍କ କାମରେ ଲାଗି ପାରିଥାନ୍ତା ବୋଲି କୁମାର ଗନ୍ଧଣା ଗ୍ରାମବାସୀ କହିଛନ୍ତି।



# ଅନୁସୂଚିତ ଜନଜାତି ନିର୍ବାଚିତ ପ୍ରତିନିଧିଙ୍କ ଦକ୍ଷତା ତାଲିମ ଶିବିର



**ନନ୍ଦପୁର,୧୮।୩(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକରେ ଅନୁସୂଚୀତ ଜନଜାତି ନିର୍ବାଚିତ ପ୍ରତିନିଧିମାନଙ୍କ ଦୁଇ ଦିନିଆ ଦକ୍ଷତା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଏହି ଶିବିରକୁ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବାବେଳେ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ଜିପିଇଓ ବେଦାନ୍ତ କୁମାର ମାଝୀ, ନନ୍ଦପୁର ବ୍ଲକ୍ ବିଜେଡି ସଭାପତି କାଶୀନାଥ ଗୋଲରି ପ୍ରମୁଖ ଯୋଗଦେଇଥିବା କୋରାପୁଟ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ମଞ୍ଜୁଲତା ଖରା, ପ୍ରଦୀପ କୁମାର ମାଲ ବିଶୋଇ ଯୋଗଦେଇ ଭାଗ ନେଇଥିବା ଅନୁସୂଚୀତ ଜନଜାତି ନିର୍ବାଚିତ ପ୍ରତିନିଧିମାନଙ୍କୁ ଦକ୍ଷତା ତାଲିମ ପ୍ରଦାନ କରିଥିଲେ। ପଞ୍ଚାୟତିରାଜ ସଂସ୍ଥାକୁ ନିର୍ବାଚିତ ଅନୁସୂଚୀତ ଜନଜାତି ପ୍ରତିନିଧିମାନେ କିପରି ପଞ୍ଚାୟତିରାଜ ବ୍ୟବସ୍ଥାରେ ସୁଶାସନ କରିବେ, ସ୍ଥାନୀୟ ସ୍ୱାୟତ୍ତଶାସନ ଓ ପଞ୍ଚାୟତିରାଜ ବ୍ୟବସ୍ଥାରେ ୭୩ତମ ସମ୍ବିଧାନ ସଂଶୋଧନ ଆଇନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା, ଗ୍ରାମ ପଞ୍ଚାୟତର ପ୍ରଶାସନିକ ଏବଂ ଆର୍ଥିକ ବ୍ୟବସ୍ଥା ଓ ଏହାର ସୁପରିଚାଳନା ଏବଂ ଅନୁସୂଚୀତ ଜାତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଅନୁସୂଚୀତ ଜନଜାତି ସମ୍ପ୍ରଦାୟଙ୍କ ଅଧିକାର ଉପରେ ତିନିଟି ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ଦୁଇ ଦିନିଆ ଦକ୍ଷତା ତାଲିମ ଶିବିର ନନ୍ଦପୁର ଡବ୍ଲ୍ୟୁଇଓ ସୁବ୍ରତ କୁମାର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଓ ପରିଚାଳିତ ହୋଇଛି।

## ୬ ମାସ ପରେ ଖୋଲାଗଲା ମା’ ମଝିଘରିଆଣୀଙ୍କ ମନ୍ଦିରର ଦାନହୁଣ୍ଡି

# ୯ ହୁଣ୍ଡିରୁ ବାହାରିଲା ୮୯ ଲକ୍ଷ ୭୨ ହଜାର, ୬୬ଟି ବିଦେଶୀ ମୁଦ୍ରା

ରାୟଗଡ଼ା,୧୮।୩(ସମିସ)

ଦୀର୍ଘ ୬ମାସର ବ୍ୟବଧାନ ପରେ ସୋମବାର ମାର୍ଚ୍ଚ ୧୮ ତାରିଖରେ ପୁଲିସର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଖୋଲାଯାଇଛି ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀଙ୍କ ମନ୍ଦିରର ୯ଟି ଦାନହୁଣ୍ଡି। ସୋମବାର ସକାଳ ୯ଟା ସମୟରେ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ କରାଯାଇଥିବାବେଳେ ଏହା ରାତ୍ର ୮ଟା ସମୟରେ ଏହା

### ୬୨ ଗ୍ରାମ୍ ସୁନା ଓ ୨ କେଜି ୩୦୦ ଗ୍ରାମ୍ ରୁପା ଅଳଙ୍କାର ମିଳିଲା

ଶେଷ ହୋଇଛି। ସମସ୍ତ ଯାକ ଦାନହୁଣ୍ଡିରୁ ନଗଦ ୮୯ ଲକ୍ଷ ୭୨ ହଜାର ୨୨୫ ଟଙ୍କା ବାହାରିଥିବାବେଳେ ୬୨ ଗ୍ରାମ ସୁନା ଓ ୨ କେଜି ୩୦୦ ଗ୍ରାମ ରୂପା ଅଳଙ୍କାର ଏବଂ ସେହିପରି ୬୬ଟି ବିଦେଶୀ ମୁଦ୍ରା ଦାନ ଆକାରରେ ମିଳିଛି। ଏଥିସହ ପୁରୁଣା ଅଚଳ ୨ହଜାର ଟଙ୍କା ୩ଟି ଓ ୬ଟି ୫୦୦ ଟଙ୍କା ଭାରତୀୟ ମୁଦ୍ରା ମିଳିଛି। ଦାନରେ ମିଳିଥିବା ସମସ୍ତ ଟଙ୍କା, ସୁନା, ରୁପା ଅଳଙ୍କାର, ବିଦେଶୀ ମୁଦ୍ରା ରାୟଗଡ଼ାର ଉତ୍କଳ ଗ୍ରାମୀଣ



ବ୍ୟାଙ୍କର ମୁଖ୍ୟ ଶାଖାରେ ଜମା ଦିଆଯାଇଛି। ଆଜିର ଏହି ଗଣତି କାର୍ଯ୍ୟକ୍ରମଟି ରାୟଗଡ଼ା ତହସିଲଦାର ତଥା ଦେବୋତ୍ତର ଅଧିକାରୀ ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ରାୟଗଡ଼ା ରାଜସ୍ୱ ସୁପରଭାଇଜର ଦେବୀପ୍ରସାଦ ମଲ୍ଲିକ, ରାଜସ୍ୱ ନିରୀକ୍ଷକ ବାଳକୃଷ୍ଣ ରଥ, ଦେବୋତ୍ତର ନିରୀକ୍ଷକ ସୁକାନ୍ତ ପୂଜାରି, ମନ୍ଦିର ଟ୍ରଷ୍ଟି ଅଧ୍ୟକ୍ଷ ରାଇସିଂ ବିଡିକା, ଟ୍ରଷ୍ଟ ସଦସ୍ୟ ରାଧାକୃଷ୍ଣ ଦଳେଇ, ଦେବେନ୍ଦ୍ର ବେହେରା, ପାଲକୋଣ୍ଡା ପ୍ରକାଶ, ବି.ସତ୍ୟନାରାୟଣ, ଇପିଲି ସନ୍ୟାସି ରାଜୁ, ମନ୍ଦିର ଅଧୀକ୍ଷକ ଜାନକୀ ବଲ୍ଲଭ ମହାନ୍ତିଙ୍କ ସମେତ ମନ୍ଦିରର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଗଣତି କାର୍ଯ୍ୟକୁ ନିରୀକ୍ଷଣ କରିଥିଲେ। ସହରର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପାଖାପାଖି ୨୦୦ଜଣ ସଦସ୍ୟସଦସ୍ୟାମାନେ ଗଣତିରେ ଭାଗ ନେଇଥିଲେ। ସୁରକ୍ଷା ଦୃଷ୍ଟିରୁ ଗଣତି କାର୍ଯ୍ୟକ୍ରମରେ ସ୍ଥାନୀୟ ପୁଲିସ ନିୟୋଜିତ ହୋଇଥିଲେ। ଗତ ୬ମାସ ତଳେ ସେପ୍ଟେମ୍ବର ୨୭ ତାରିଖରେ ଦାନହୁଣ୍ଡିରୁ ନଗଦ ୬୮ ଲକ୍ଷ ୭୪ହଜାର ୧୪୦ ଟଙ୍କା ବାହାରିଥିବାବେଳେ ୫୩ ଗ୍ରାମ ସୁନା ଓ ୧ କେଜି ୨୯୭ ଗ୍ରାମ ରୁପା ଅଳଙ୍କାର ଦାନ ଆକାରରେ ମିଳିଥିଲା। ସେହିପରି ୧୬ଟି ବିଦେଶୀ ମୁଦ୍ରା ମଧ୍ୟ ବାହାରିଥିଲା। ଦାନ ଆକାରରେ ମିଳୁଥିବା ଟଙ୍କାଗୁଡ଼ିକ ମନ୍ଦିରର ଭିତ୍ତିଭୂମିକୁ ଆହୁରି ସୁଦୃଢ଼, ଉନ୍ନୟନମୂଳକ କାର୍ଯ୍ୟ ଏବଂ ଶ୍ରଦ୍ଧାଳୁମାନଙ୍କ ବିଭିନ୍ନ ସୁବିଧା ନିମନ୍ତେ ଖର୍ଚ୍ଚ କରାଯାଉଛି ବୋଲି କହିଛନ୍ତି। ଏଥିସହ ନିକଟରେ ରେଳବାଇ ବିଭାଗ ପକ୍ଷରୁ ମନ୍ଦିରକୁ ହସ୍ତାନ୍ତର ହୋଇଥିବା ଜାଗାର ଡିପିଆର ପ୍ରସ୍ତୁତ ହୋଇ କାର୍ଯ୍ୟାରମ୍ଭ ନିମନ୍ତେ ଟେଣ୍ଡର ମଧ୍ୟ ଆହ୍ୱାନ କରାଯାଇଛି ବୋଲି ଟ୍ରଷ୍ଟି ଅଧ୍ୟକ୍ଷ ଶ୍ରୀ ବିଡ଼ିକା ପ୍ରକାଶ କରିଛନ୍ତି।

# ବସ୍ ଓ ପିକ୍ଅପ୍ ମୁହାଁମୁହିଁ ଧକ୍କା; ବସ୍ ଚାଳକ ମୃତ



**ମାଲକାନଗିରି,୧୮।୩(ସମିସ):** ଜିଲ୍ଲା ଏମ୍ଭି-୨୩ ଗ୍ରାମ ନିକଟ ଦେଇ ଯାଇଥିବା ୩୨୬ ଜାତୀୟ ରାଜପଥରେ ଓଏସଆରଟିସି ବସ୍ ଓ ପିକ-ଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଭୟଙ୍କର ଦୁର୍ଘଟଣା ଘଟିଛି। ଏଥିରେ ବସ୍ ଚାଳକଙ୍କ ମୃତ ଘଟିଥିବାବେଳେ ପିକଅପ୍ ଚାଳକ ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲାର ଏମ୍ଭି-୭୯ରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ଓଏସଆରଟିସିର ବସ୍‌ଟି ଏମ୍ଭି- ୭୯ରୁ ୩୨୬ ଜାତୀୟ ରାଜପଥ ଦେଇ ଆସୁଥିବାବେଳେ କାଲିମେଳା ଥାନା ଅନ୍ତର୍ଗତ ଏମ୍ଭି ୨୩ ଗ୍ରାମ ନିକଟ ପେଟ୍ରୋଲ ପମ୍ପଠାରେ ମାଲକାନଗିରିରୁ କାଲିମେଳା ଅଭିମୁଖେ ଯାଉଥିବା ଏକ ପାଇପ ଓ ବିଭିନ୍ନ ସାମଗ୍ରୀ ବୋଝେଇ ପିକ-ଅପ୍ ସହ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଏହି ଦୁର୍ଘଟଣାରେ ପିକ୍ଅପରେ ଥିବା ପାଇପଡ଼ିକ ବସ୍ ମଧ୍ୟକୁ ପଶି ଯାଇଥିବାବେଳେ ଏହାର ଆଘାତରେ ବସ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଅନ୍ୟପଟେ ପିକ-ଅପ୍ ଚାଳକ ମଧ୍ୟ ଏଥିରେ ଗୁରୁତର ହୋଇଥିବାବେଳେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣାରେ ପ୍ରାୟ ୫ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଥିବାବେଳେ ଘଟଣାସ୍ଥଳରେ କାଲିମେଳା ପୁଲିସ ଟିମ ଦମକଳ ବାହିନୀ ଓ ସ୍ଥାନୀୟ ଲୋକେ

# ଶାବେରୀ ନଦୀରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

## ମାଛ ଧରିବାବେଳେ ଭାସିଯାଇଥିଲେ



**ମାଥିଲି,୧୮।୩(ସମିସ):** ରବିବାର ଅପରାହ୍ଣରେ ମାଲକାନଗିରି ଜିଲ୍ଲା କିଆଙ୍ଗ ଗ୍ରାମର ଜଣେ ଆଦିବାସୀ ବ୍ୟକ୍ତି ମାଛ ଧରିବା ବେଳେ ଶାବେରୀ ନଦୀରେ ଭାସିଯାଇ ନିଖୋଜ ହୋଇଥିଲେ। ସୋମବାର ତାଙ୍କ ମୃତଦେହ ୨୪ ଘଣ୍ଟାପରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଛନ୍ତି। ଘଟଣାରୁ ପ୍ରକାଶ ଯେ ରବିବାର ଅପରାହ୍ଣରେ ମାଲକାନଗିରି ଜିଲ୍ଲା ମାଥିଲି ଥାନାସ୍ଥିତ କିଆଙ୍ଗ ଗ୍ରାମର ଆୟତ୍ତୁ ମାଡ଼କାମି(୫୦) ନିକଟସ୍ଥ ଶାବେରୀ ନଦୀକୁ ମାଛ ଧରିବାକୁ ଯାଇଥିଲେ। ସେ ନଦୀରେ ଜାଲ ପକାଉ ଥିବାବେଳେ ଗୋଡ଼ ଖସିଯିବାରୁ ପାଣି ସ୍ରୋତରେ ଭାସି ଯାଇଥିଲେ। ନଦୀ ପଠାରୁ ବାଲି ଉଠାଉଥିବା ଟ୍ରାକ୍ଟର ଡ୍ରାଇଭର ଏହା ଦେଖି ଗ୍ରାମରେ ଖବର ଦେବା ସହିତ ଗ୍ରାମବାସୀଙ୍କ ସହ ମିଶି ବହୁତ ଖୋଜିଥିଲେ। ନିଖୋଜ ବ୍ୟକ୍ତିଙ୍କର କିଛି ପତ୍ତା ନ ମିଳବାରୁ ପରିବାର ଲୋକେ ମାଥିଲି ଥାନା ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ରାତି ହେବାରୁ ଖୋଜିବା ସମ୍ଭବପର ହେଉ ନ ଥିବାରୁ ଆଜି ସକାଳେ ମାଥିଲି ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସକାଳୁ ଓ ଅପରାହ୍ଣ ପର୍ଯ୍ୟନ୍ତ ସବେରୀ ନଦୀରେ ବହୁତ ଖୋଜିବା ପରେ ବୁଡ଼ିଯାଇଥିବା ସ୍ଥାନରୁ ପ୍ରାୟ ୪୦୦ମିଟର ଦୂର ନଦୀକୂଳରୁ ଆଇତୁ ମାଡ଼କାମୀଙ୍କ ମୃତଶରୀର ଉଦ୍ଧାର କରିବାରେ ସଫଳ ହୋଇଥିଲେ। ପୁଲିସ ମୃତଦେହକୁ ଜବତ କରି ମାଥିଲି ହସ୍ପିଟାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି. ସୂଚନାନୁଯାୟୀ, ଯେ ଆଇତୁ ମାଡ଼କାମୀଙ୍କର ଦୁଇଟି ଝିଅ ଦୁଇଟି ପୁଅ ଓ ପତ୍ନୀ ଅଛନ୍ତି।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ବାଇକ୍ ଚାଳକ ଗୁରୁତର



**ପାପଡ଼ାହାଣ୍ଡି,୧୮।୩(ସମିସ):** ପାପଡ଼ାହାଣ୍ଡିରୁ କାଡୁଗୁଡ଼ା ରାସ୍ତାର ଗ୍ୟାସ୍ ଗୋଦାମ ନିକଟରେ ସୋମବାର ଦିନ ୧ଟା ସମୟରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ବାଇକ୍ ଚାଳକଙ୍କ ନାମ ବିଶ୍ୱନାଥ ଗୌଡ଼। ସେ ଏକ ବାଇକ(ଓଡି-୨୪ଇ-୫୭୧୫)ରେ ବଡ଼ କୁମୁଲିରୁ ପାପଡ଼ାହାଣ୍ଡି ଆଡ଼କୁ ଆସୁଥିବା ସମୟରେ ପଛପଟୁ ବାଇକରେ ଦୁଇ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ବିଶ୍ୱନାଥ ତଳେ ପଡ଼ିଯିବା ପରେ ତାଙ୍କଠାରୁ ମୋବାଇଲ୍ ଛଡ଼ାଇ ପୁଣି ଆକ୍ରମଣ କରି ବାଇକ୍ ଛଡ଼ାଇ ନେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ବିଶ୍ୱନାଥ ଦୌଡ଼ି ଦୌଡ଼ି ଆସି ନିକଟସ୍ଥ ଲୋକଙ୍କୁ ଜଣାଇବା ପରେ ପୁଲିସକୁ ଖବର ଦେଇଥିଲେ। ପାପଡ଼ାହାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଶ୍ୱନାଥଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

# ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା



**ମୈଦଲପୁର,୧୮।୩(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ସ୍ଥିତ ମା’ ଗର୍ଭରାଇ ପୀଠର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଅବସରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରୁ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ୫୦୦ ମହିଳାଙ୍କ ଦ୍ୱାରା ୧ କିଲୋମିଟର ଦୂର ତୁରୀ ନଦୀରୁ ଭଜନ କୀର୍ତ୍ତନ କରି କଳସ ଯାତ୍ରା କରାଯାଇଥିଲା। ମଙ୍ଗଳବାର ସକାଳ ୭ଟାରୁ ରତ୍ନମୁଦ କରାଯିବ। ବିକ୍ରମପୁର ଗ୍ରାମର ପଞ୍ଚାନନ ତ୍ରିପାଠୀଙ୍କ ସହ ୬ ଜଣ ପୁରୋହିତ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ନୂତନ ବିଡିଓଙ୍କୁ ଉତ୍କଳ ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧନା



**ମାଥିଲି,୧୮।୩(ସମିସ):** ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବାସୁଦେବ ଜେନାଙ୍କ ନେତୃତ୍ୱରେ ସୋମବାର ମାଥିଲିରେ ନୂତନ ଭାବରେ ଯୋଗଦେଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଞ୍ଚଳ ମାଝୀଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମାଝୀ ଅଞ୍ଚଳରେ କିପରି ଜନସାଧାରଣଙ୍କ ପାଖରେ ସରକାରୀ ସହାୟତା ସହିତ ସମସ୍ତ ପ୍ରକାର ସୁବିଧା ସୁଯୋଗ ପହଞ୍ଚି ପାରିବ ସେଥିପାଇଁ ବ୍ଲକ ପ୍ରଶାସନ ସର୍ବଦା କାର୍ଯ୍ୟ କରିବା ସହିତ କଡ଼ା ପଦକ୍ଷେପ ନେବା ପାଇଁ ସଂଘର କର୍ମକର୍ତ୍ତା ଅଜିତ ସଗରିଆ, ଶ୍ୟାମପ୍ରସାଦ ପଟ୍ଟନାୟକ, ସାମ୍ବାଦିକା ପଦ୍ମା ନାୟକ ଓ ସୀମାଞ୍ଚଳ ସାହୁ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣାଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମାଝୀ ମାଥିଲି ବ୍ଲକ ଅଞ୍ଚଳରେ କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ଲୋକଙ୍କ ସମସ୍ୟା ସମାଧାନ କରି ପାରିବ ସେଥିପାଇଁ ମାଥିଲି ବ୍ଲକ ପ୍ରଶାସନ ତରଫରୁ ସମ୍ପୂର୍ଣ୍ଣ ଭାବେ ଚେଷ୍ଟା କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତାହା ସହିତ ବ୍ଲକ ପ୍ରଶାସନ ଓ ଜନସାଧାରଣଙ୍କ ସହିତ ସୁ ସମ୍ପର୍କ ସ୍ଥାପନ କରିବା ସହିତ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ପାଇଁ ସମସ୍ତ ପ୍ରକାର ଚେଷ୍ଟା ଜାରି ରହିବ ବୋଲି ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି।

# ନମାଜ ପାଠବେଳେ ମୋବାଇଲ୍ ଓ ଟଙ୍କା ଚୋରି




**ପାପଡ଼ାହାଣ୍ଡି,୧୮।୩(ସମିସ):** ପାପଡ଼ାହାଣ୍ଡି ସୁନି ରାଜା ଜାମା ମସଜିଦରେ ନମାଜ ପାଠବେଳେ ସୋମବାର ୨ଟି ମୋବାଇଲ୍ ଓ ନଗଦ ୬ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ମୋବାଇଲ୍ ମାଲିକ ୱାସିମ ଅହମ୍ମଦ ଓ ୟାସିନ ଖାନ ପାପଡ଼ାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ସୂଚନା ମୁତାବକ, ଦିନ ୧ଟା ସମୟରେ ସମୂହ ନମାଜ ପାଠ ଚାଲିଥିବାବେଳେ ଜଣେ ଅଜଣା ମୁଖାପିନ୍ଧା ଯୁବକ ପଛପଟୁ ଆସି ୨ଟି ମୋବାଇଲ୍ ଓ ନଗଦ ୬ ହଜାର ଟଙ୍କା ଚୋରି କରିଥିଲା। ଯାହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଯୁବକ ନମାଜ ବେଳର ସୁଯୋଗ ନେଇ ଚୋରି କରିବାରେ ସକ୍ଷମ ହୋଇଥିଲା। ଦୁର୍ବୃତ୍ତକୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଛି।

# ଆଚରଣ ବିଧି ଘୋଷଣା ପରେ ପୁଲିସର ଫ୍ଲାଗମାର୍ଚ୍ଚ

ବିଷମକଟକ,୧୮।୩(ସମିସ)

ଓଡ଼ିଶାରେ ସାଧାରଣ ନିର୍ବାଚନ ନିମନ୍ତେ ଗତ ୧୬ ତାରିଖରେ ନିର୍ବାଚନ କମିଶନର ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ତେବେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ସୋମବାର ରାୟଗଡ଼ା ଜିଲ୍ଲା ବିଷମକଟକ ପୁଲିସ ତରଫରୁ ବିଷମକଟକ ସହରର ବିଭିନ୍ନ ଗଳିକନ୍ଦିରେ ଫ୍ଲାଗମାର୍ଚ୍ଚ ହୋଇଛି। ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ପୁଲିସ ଅଣ୍ଟା ଭିଡ଼ିଛି। ନିର୍ବାଚନ ଅଚରଣ ବିଧି ଜାରି ହେବା ପରେ କୌଣସି ଅପ୍ରିତିକର ପରିସ୍ଥିତିକୁ ଏଡ଼େଇବା ପାଇଁ ପୁଲସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି। ଏଥିସହ ବିଷମକଟକ ବ୍ଲକରେ ରହିଥିବା ଅତି ସମ୍ବେଦନଶୀଳ ବୁଥ୍ ଅଞ୍ଚଳଗୁଡ଼ିକରେ ଫ୍ଲାଗମାର୍ଚ୍ଚ କରାଯାଉଛି। ବିଷମକଟକ ଥାନା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାତ୍ରୀଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ୍ ଏସ୍ଏସବିନ୍ ଓ ସିଆରପିଏଫ ଯବାନ ଫ୍ଲାଗମାର୍ଚ୍ଚ କରିଛନ୍ତି। ଆଗକୁ ଅତି ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପୁଲିସର କୁମ୍ବି ଅପରେସନ୍ ଜାରି ରହିଥିବା ସହ ରାତିରେ ନାକା ଲଗାଇ ଗାଡ଼ିଗୁଡ଼ିକୁ କଡ଼ାକଡ଼ି ଯାଞ୍ଚ ମଧ୍ୟ ଚାଲିଛି।



# ମାଥିଲି ଡ୍ରାଇଭର ମହାସଂଘର ନୂତନ ଗୃହ ଉଦ୍‌ଘାଟିତ



**ମାଥିଲି,୧୮।୩(ସମିସ):** ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମାଠାରେ ଡ୍ରାଇଭର ମହାସଂଘର ଗୃହ ଉଦଘାଟନ ହୋଇଯାଇଛି। ଅବସରରେ ଡ୍ରାଇଭର ମହାସଂଘର ସଭାପତି କେ.ଶିବପ୍ରସାଦ ରାଓ ଓ ଉପସଭାପତି ଗୁରୁଚରଣ ଭୂମିଆଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବରେ ମାଥିଲି ସରପଞ୍ଚ କାନାମ ରାଜୁ ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ସମିତି ସଭ୍ୟ ବାଲରାଜୁ କୋପେ ଯୋଗଦେଇଥିବା ବେଳେ ବରିଷ୍ଠ ଶିକ୍ଷାବିତ୍ ଶିବପ୍ରସାଦ ପରିଛା, ବରିଷ୍ଠ ଆଇନଜୀବୀ ସରୋଜ କୁମାର ସାହୁ ,ଆଇନଜୀବୀ ହେମନ୍ତ କୁମାର ରାଜୁ, ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ବାସୁଦେବ ଜେନା ଓ ଶ୍ୟାମପ୍ରସାଦ ପଟ୍ଟନାୟକ, ମହିଳା ସଭାନେତ୍ରୀ ସୁନିତା ଜେନା, ଜନସାଧାରଣଙ୍କ ସମେତ ବ୍ଲକର ଶହଶହ ଡ୍ରାଇଭର ଭାଇମାନେ ଯୋଗଦେଇଥିଲେ।

**ଘରୋଇ ହଷ୍ଟେଲରେ ନାବାଳିକା ଛାତ୍ରୀଙ୍କ ମୃତ୍ୟୁ ଘଟଣା**

# ଦୋଷୀଙ୍କୁ ଗିରଫ ଦାବିରେ ପରିବାର ଲୋକଙ୍କ ଧାରଣା



**ମାଲକାନଗିରି,୧୮।୩(ସମିସ)**

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଏମ୍ଭି ୭ ଗ୍ରାମରେ ଥିବା ଗଣେଶ ହଷ୍ଟେଲରେ ରହୁଥିବା ଏମ୍ଭି ୧୩୦ ଗ୍ରାମର ବିଶ୍ୱଜିତ ମଣ୍ଡଳଙ୍କ ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳିକା ଝିଅର ରବିବାର ମୃତ୍ୟୁ ହୋଇଥିବାବେଳେ ଝିଅ ଆତ୍ମହତ୍ୟା କରିଥିବା ହଷ୍ଟେଲ ପରିଚାଳକ ପ୍ରକାଶ କରିଥିଲେ। ତେବେ ଏହାକୁ ଏକ ହତ୍ୟାକାଣ୍ଡ କହିବା ସହ ଏହି ଘଟଣାରେ ସାମିଲ ଥିବା ଦୋଷୀ ଏବଂ ଅନ୍ତେବାସୀର ପରିଚାଳକଙ୍କୁ ଗିରଫ କରିବା ଦାବିରେ ପରିବାର ଲୋକେ ଆଜି ହଷ୍ଟେଲ ସମ୍ମୁଖରେ ଧାରଣାରେ ବସିଛନ୍ତି। ମିଳିଥିବା ସୂଚନାନୁଯାୟୀ, ପାଠପଢ଼ା ପାଇଁ ଏମ୍ଭି ୧୩୦ ଗ୍ରାମର ବିଶ୍ୱଜିତଙ୍କ ଝିଅ ଦୀର୍ଘଦିନ ଧରି ଗଣେଶ ହଷ୍ଟେଲ ରହି ଆସୁଥିଲା। ତେବେ ହଠାତ୍ ଝିଅର ଦେହ ଗୁରୁତର ଥିବା ଓ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ନେଇ ତାଙ୍କ ପରିବାର ଲୋକଙ୍କୁ ହଷ୍ଟେଲ ପରିଚାଳକ ଖବର ଦେଇଥିଲେ। ପରିବାର ଲୋକେ ଚିକିତ୍ସାଳୟରେ ପହଞ୍ଚିବା ପରେ ଝିଅର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ତେବେ ନାବାଳିକାର ଦେହରେ ବିଭିନ୍ନ ଚିହ୍ନ ରହିଥିବା ପରିବାର ଲୋକେ ଦେଖିବା ସହ ତାକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରି ଏହାର ଉଚିତ ତଦନ୍ତ କରିବାକୁ ଦାବି କରିଥିଲେ। ଏହାସହ ମୃତ ନାବାଳିକା ଜଣଙ୍କ ପୂର୍ବରୁ ମଧ୍ୟ ହଷ୍ଟେଲରେ ବିଭିନ୍ନ ସମସ୍ୟା ହେଉଥିବା ନେଇ ଅଭିଯୋଗ କରିବା ସହ ଆଉ ହଷ୍ଟେଲକୁ ଯିବି ନାହିଁ ବୋଲି କହିଥିବା ମୃତ ନାବାଳିକାର ପରିବାର ଲୋକେ ଅଭିଯୋଗ କରିଥିଲେ। ହେଲେ ଏନେଇ ହଷ୍ଟେଲ କର୍ତ୍ତୃପକ୍ଷ ଝିଅଟି ଆତ୍ମହତ୍ୟା କରିଥିବା ପ୍ରକାଶ କରିଥିଲେ। ତେବେ ଏନେଇ ମାଲକାନଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ କରାଇବା ସହ ୧୭/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପଟେ ଝିଅଟିର ମୃତ୍ୟୁ ଆତ୍ମହତ୍ୟା ନୁହେ ବରଂ ଏହା ଏକ ହତ୍ୟାକାଣ୍ଡ ଓ ଏଥିରେ ସମ୍ପୃକ୍ତ ଦୋଷୀଙ୍କୁ ଗିରଫ କରିବା ଦାବିରେ ମୃତ ନାବାଳିକାର ପରିବାର ଲୋକେ ଉକ୍ତ ହଷ୍ଟେଲ ସମ୍ମୁଖରେ ଧାରଣାରେ ବସିଛନ୍ତି। ତେବେ ସେଠାରେ ମାଲକାନଗିରି ପୁଲିସ ପହଞ୍ଚି ବୁଝାସୁଝା କରୁଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ପରିବାର ଲୋକେ ନିଜ ଦାବିରେ ଅଡ଼ି ବସିଥିବା ଜଣାପଡ଼ିଛି।

# ବିଜେଡିର ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ



**ସୁନାବେଡା,୧୮।୩(ସମିସ):** ଘରେଘରେ ଶଙ୍ଖ ଓ ବିଜୁ ଜନତା ଦଳର ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ସୁନାବେଡ଼ା ପୌର ପରିଷଦ କଲ୍ୟାଣମଣ୍ଡପରେ ଆୟୋଜିତ ହୋଇଯାଇଛି। ବିଜେଡି ନଗର କାର୍ଯ୍ୟକାରୀ ସଭାପତି ସୁକାନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି କୋରାପୁଟ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ରମାକାନ୍ତ ରାଉଳ, କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପାଡ଼ାଲ, ଜିଲ୍ଲା ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ପାର୍ବତୀ ମସ୍ତି, ସୁନାବେଡ଼ା ପୌରାଧ୍ୟକ୍ଷ ଡ.ରାଜେନ୍ଦ୍ର କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୋରାପୁଟ ଜିଲ୍ଲାର ସୁନାବେଡ଼ାରେ ମିଗ୍ ବିମାନ କାରଖାନା ପ୍ରତିଷ୍ଠା କରିବାରେ ବିଜୁ ବାବୁଙ୍କ ଅବଦାନ ସମ୍ପର୍କରେ ରମାକାନ୍ତ ରାଉଳ ଆଲୋକପାତ କରି ତାଙ୍କ ନାମରେ ଗଠିତ ବିଜୁ ଜନତା ଦଳକୁ ନିଜର ସମର୍ଥନ ଜଣାଇବା ପାଇଁ ହାଲ୍ ସହରାଞ୍ଚଳର କର୍ମଚାରୀ ଏବଂ ବିଜୁପ୍ରେମୀ ନାଗରିକଙ୍କୁ ଅନୁରୋଧ କରିଥିଲେ। ବିଧାୟକ ଶ୍ରୀ ପାଡ଼ାଲ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାବାସୀଙ୍କ ଦ୍ରୁତ ଅର୍ଥନୈତିକ ବିକାଶ ହୋଇଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେମିଳିଗୁଡ଼ା ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରି, ସୁନାବେଡ଼ା ପୌର ପରିଷଦର ଉପାଧ୍ୟକ୍ଷା ରିତୁ କଣ୍ଠା, ବିଜେଡି ନେତା ବିଜୟ କୁମାର ପଣ୍ଡା, ଆଶୋକ ପ୍ରଧାନ, ରତ୍ନାକର ନନ୍ଦ, ଈଶ୍ୱର ଆଲ୍ଲାଡ଼ା, ସୁବ୍ରତ କୁମାର ବିଷୋୟୀ, ବିଜୁ ଏରୋନଟିକସ ଏମ୍ପ୍ଲୋଇଜ ୟୁନିୟନର କର୍ମକର୍ତ୍ତା, କାଉନସିଲର ବୃନ୍ଦ ଏବଂ ବହୁ ସଂଖ୍ୟାରେ ବିଜେଡି କର୍ମୀ ଯୋଗଦେଇଥିଲେ। ଶେଷରେ ନଗର ମହିଳା ବିଜେଡିର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ବିଭାଗର ଚଢ଼ଉ, ୨ ଗିରଫ



**ଡାବୁଗାଁ,୧୮।୩(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ସିଂଗୁଡ଼ା ଓ ଡାବୁଗାଁ ଗ୍ରାମର ୨ଜଣଙ୍କ ଘରେ ସୋମବାର ଅବକାରୀ ବିଭାଗ ଚଢ଼ଉ କରି ୧୦ ଲିଟର ବିଅର ଓ ୧୨ଲିଟର ଦେଶୀମଦ ଜବତ କରିଛି। ସୂଚନାଯୋଗ୍ୟ ଯେ, ଅବକାରୀ ବିଭାଗ ଅଧିକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଦିନ ଡାବୁଗାଁ ଥାନା ଅଧୀନ ସିଂଗୁଡ଼ା ଗ୍ରାମର ସଞ୍ଜୁଦେବୀ ଗୁପ୍ତାଙ୍କ ଘରେ ଚଢ଼ଉ କରି ୧୦ଲିଟର ବିଅର ଜବତ କରିବା ସହ ଡାବୁଗାଁ ଗ୍ରାମର ହେମ ଜାନୀଙ୍କ ଘରୁ ୧୨ଲିଟର ଦେଶୀମଦ ଜବତ କରିଥିଲେ। ୨ ଜଣଙ୍କୁ ଗିରଫ କରି ନୋଟିସ ଦିଆଯାଇ ଛାଡ଼ି ଦିଆଯାଇଛି। ଏହି ଚଢ଼ଉରେ ଡାବୁଗାଁ ଅବକାରୀ ବିଭାଗ ଉପ ନିରୀକ୍ଷକ ବୁଲୁ ପାତ୍ର, ସହ ଉପ ନିରୀକ୍ଷକ ଏସକେ ପଣ୍ଡା, ସୁରେଖା ଭତ୍ରା ଓ ଶ୍ରୀକାନ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ୨ଜଣଙ୍କ ନାମରେ ଡାବୁଗାଁ ଅବକାରୀ କାର୍ଯ୍ୟାଳୟ କେସ ନଂ ୨୧୫/୨୩-୨୪ ଓ ୨୧୬/୨୩-୨୪ ରେ ମାମଲା ରୁଜୁ ହୋଇଛି।

# ସ୍ୱରାଜ ବିଦ୍ୟାପୀଠର ୨୩ତମ ବାର୍ଷିକ ଉତ୍ସବ



**ଝରିଗାଁ,୧୮।୩(ସମିସ):** ଝରିଗାଁ ସଦର ମହକୁମା ସ୍ଥିତ ସ୍ୱରାଜ ବିଦ୍ୟାପୀଠର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଗୁରୁମା' ସନ୍ଧ୍ୟାରାଣୀ ଧଳଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଯୋଗେଶ୍ୱର ପୂଜାରୀ, ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ତପନ କୁମାର ପତି, ସିଆରସିସି ବିଭୁପ୍ରସାଦ ତ୍ରିପାଠୀ, ଲ୍ୟାମ୍ପ୍ସ ଏମଡି ନରସିଂହ ଗୌଡ଼, ବିଦ୍ୟାପୀଠ କମିଟି ସଦସ୍ୟ ରବିନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାପୀଠର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବିଦ୍ୟାଳୟର କିପରି ଉନ୍ନତୀକରଣ କରାଯାଇପାରିବ ତାହା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ସନ୍ତୋଷ କୁମାର ତ୍ରିପାଠୀ, ବିପିନ ନାୟକ, ତଥା ବିଦ୍ୟାପୀଠର ସମସ୍ତ ଗୁରୁଜୀ ଗୁରୁମା' ଉପସ୍ଥିତ ଥିଲେ।

# ପୁଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର



**ପଟ୍ଟାଙ୍ଗି,୧୮।୩(ସମିସ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପୁଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ତହସିଲଦାର ଦେବେନ୍ଦ୍ର ଧାରୁଆ, ଡେପୁଟି ଡାଇରେକ୍ଟର ପ୍ଲାନିଂର ପ୍ରଶାସକ, ବିଇଓ ଟି ମିନତି ପ୍ରମୁଖ ଅଧିକାରୀମାନେ କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ବ୍ଲକର ପୁଲିଂ ଅଧିକାରୀମାନେ ଦୁଇଦିନ ଧରି ଆସନ୍ତା ନିର୍ବାଚନରେ କିଭଳି ପୁଲିଂ କରାଯିବା ସେନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ନିର୍ଭୁଲ ଭାବେ ତାଲିମ୍ ନେଇ ପଟାଙ୍ଗୀରେ ଏକ ଦଳଗତ ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ପୁଲିଂ ଅଫିସରଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ନିର୍ଭୁଲ ଭାବେ ତାଲିମ୍ ନେଇ ସଠିକ୍ ନିର୍ବାଚନ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟ ତାଲିମ ପ୍ରଦାନ ଆରମ୍ଭ ହୋଇଛି। ଆଗକୁ ଆହୁରି ୨ଟା ପର୍ଯ୍ୟାୟ ତାଲିମ ପ୍ରଦାନ କରାଯିବ ବୋଲି ବ୍ଲକ କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଛନ୍ତି।

# ସେମିଳିଗୁଡ଼ା କରାଟେକାଙ୍କୁ ରାଜ୍ୟ ପୁରସ୍କାର



**ସେମିଳିଗୁଡ଼ା,୧୮।୩(ସମିସ):** କୋଚ୍ ରାଜେନ୍ଦ୍ର କେଶରୀ ସାମଲଙ୍କ ଦ୍ୱାରା ତାଲିମପ୍ରାପ୍ତ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲର ତିନି ଜଣ କରାଟେକାଙ୍କୁ ଓଡ଼ିଶା ସରକାରଙ୍କ ସ୍ପୋର୍ଟସ ଇନଫରମେସନ ଓ ପବ୍ଲିକ ରିଲେସନ ବିଭାଗ ତରଫରୁ ସମ୍ମାନିତ କରାଯାଇଛି। ୨୦୨୩ ନଭେମ୍ବର ୧୮ ଓ ୧୯ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ସବ୍ ଜୁନିଅର କରାଟେ ଚମ୍ପିଆନସିପ୍ ପ୍ରତିଯୋଗିତାରେ ଅକ୍ଷୟ ମହାନ୍ତି ଓ ହର୍ଷଦ କୁମାର ସ୍ୱର୍ଣ୍ଣ ପଦକ ଏବଂ ତୃପ୍ତିରାଣୀ ମହାନ୍ତି ରୌପ୍ୟ ପଦକ ହାସଲ କରିଥିଲେ। ସେମାନଙ୍କୁ ଓଡ଼ିଶା ସ୍ପୋର୍ଟସ ବିଭାଗ(ଡିରେକ୍ଟୋରେଟ୍ ଅଫ୍ ସ୍ପୋର୍ଟସ ଓ ୟୁଥ ସର୍ଭିସେସ) ତରଫରୁ ଅକ୍ଷୟ ମହାନ୍ତି ଓ ହର୍ଷଦ କୁମାରଙ୍କୁ ୩୦ ହଜାର ଟଙ୍କା ଏବଂ ତୃପ୍ତିରାଣୀ ମହାନ୍ତିଙ୍କୁ କୋଡ଼ିଏ ହଜାର ଟଙ୍କା ଓ ବିଜୁ ପଟ୍ଟନାୟକ ସ୍ପୋର୍ଟସ ଇନିସିଏଟିଭ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଉତ୍ସବରେ ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ, ଖେଳ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ମୁଖ୍ୟ ନିର୍ବାହୀ ଅଧିକାରୀ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ପୁରସ୍କାର ପାଇଥିବା ତିନି ଜଣ କରାଟେକାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ମିଳିଛି।

# ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକଙ୍କ ଯୋଗଦାନ



**କୋଷାଗୁମୁଡ଼ା,୧୮।୩(ସମିସ):** ସୋମବାର କୋଷାଗୁମୁଡ଼ା ବ୍ଲକ୍ରେ ଭାରପ୍ରାପ୍ତ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ସୌମେନ୍ଦ୍ର ଭୌମିକ ଯୋଗଦେଇଛନ୍ତି। ପୂର୍ବରୁ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କ ଅବସର ପରେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଶ୍ରୀ ଭୌମିକ କୋଷାଗୁମୁଡ଼ା ବ୍ଲକରେ ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଏବିଇଓ ଦିଗାମ୍ବର ହରିଜନ ଏବଂ ହେମନ୍ତ ମାଝୀଙ୍କ ସହ ସମସ୍ତ ସିଆରସିସି ଓ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଶ୍ରୀ ଭୌମିକ ପୂର୍ବରୁ ମଧ୍ୟ କୋଷାଗୁମୁଡ଼ା ବ୍ଲକରେ ଥିବାରୁ ଅଧିକାଂଶ କର୍ମଚାରୀ ଖୁସିବ୍ୟକ୍ତ କରି ପୁଷ୍ପଗୁଚ୍ଛ ଦେଇଥିଲେ।

**● ଆଇନଜୀବୀ ସଂଘ ନିର୍ବାଚନ**

# ନରସିଂହ ନାଥ ସଭାପତି ଓ ତପନ ସମ୍ପାଦକ

**ନବରଙ୍ଗପୁର,୧୮।୩(ସମିସ):** ନବରଙ୍ଗପୁର ଆଇନଜୀବୀ ସଂଘ ନିର୍ବାଚନ ପ୍ରକ୍ରିୟାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ନିର୍ଦ୍ୱନ୍ଦ୍ୱରେ ମନୋନୀତ ପ୍ରାର୍ଥୀମାନଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ପ୍ରକାଶିତ ତାଲିକା ଅନୁଯାୟୀ, ସଭାପତି ରୂପେ ନରସିଂହ ନାଥ ତ୍ରିପାଠୀ, ଉପସଭାପତି ରୂପେ ହରି ନାରାୟଣ ବେହେରା, ସମ୍ପାଦକ ପଦରେ ତପନ ସିଂ, ଯୁଗ୍ମ ସମ୍ପାଦକ ପଦରେ ସନ୍ଦିପ ମିଶ୍ର, କୋଷାଧ୍ୟକ୍ଷ ପଦରେ ଅନୀଲ ଦୀନବନ୍ଧୁ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ପଦରେ ପ୍ରଶାନ୍ତ ପଟ୍ଟନାୟକ, ସତୀଶ ନାୟକ, ଦୀନେଶ ରାଜ କର୍କରା ବିଜୟୀ ଘୋଷିତ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ, ସର୍ବମୋଟ ୯ଟି ପଦ ସକାଶେ ଜଣେ ଲେଖାଏଁ ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ପ୍ରାର୍ଥିପତ୍ର ଯାଞ୍ଚ ପରେ ଏକରକମ ପ୍ରାର୍ଥୀମାନଙ୍କ ବିଜୟ ସୁନିଶ୍ଚିତ ହୋଇଥିଲା। ଏହି ପଦଗୁଡ଼ିକ ପୂରଣ ପାଇଁ ଆସନ୍ତା ୩୦ରେ ନିର୍ବାଚନ ତାରିଖ ଘୋଷଣା ହୋଇଥିଲା। ଏହି କ୍ରମରେ ୧୧ ଓ ୧୨ ତାରିଖରେ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ୧୪ ତାରିଖ ଦିନ ଏହି ପ୍ରାର୍ଥିପତ୍ରକୁ ଯାଞ୍ଚ କରାଯିବା ପରେ ୮ ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଛି। କାର୍ଯ୍ୟସୂଚୀ ପ୍ରକାରେ ସୋମବାର ନୂତନ ଭାବେ ବିଜୟୀ ହୋଇଥିବା ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯାଇଥିବା ନିର୍ବାଚନ ଅଧିକାରୀ ସି.ଏଚ୍ ବାବା ଯୁଗନ୍ଧର ସୂଚନା ପ୍ରଦାନ କରିଛନ୍ତି। ଏହି ନିର୍ବାଚନ ପରିଚାଳନାରେ ସହକାରୀ ନିର୍ବାଚନ ଅଧିକାରୀ ରୂପେ କେ. ଚନ୍ଦ୍ରଶେଖର ରାଓ ଏବଂ ଇମ୍ରନ ସରିଫ ସହଯୋଗ କରିଥିଲେ।

# ଓଡ଼ିଶା ରାଜ୍ୟ ପାୱାର ଲିଫ୍ଟିଂ ଚାମ୍ପିଅନ୍‌ସିପ୍‌ରେ ଅନିକେତ୍ ଦ୍ୱିତୀୟ



**ଡାବୁଗାଁ,୧୮।୩(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମା ରେଭିନ୍ୟୁଗୁଡ଼ାର ପ୍ରଦୀପ୍ତ କୁମାର ଦାଶଙ୍କ ୨୧ ବର୍ଷର ପୁଅ ଅନିକେତ ଦାଶ ୩୦ ତମ ଓଡ଼ିଶା ରାଜ୍ୟ ପାୱାର ଲିଫ୍ଟିଂ ଚମ୍ପିଆନସିପ୍ ୨୦୨୪ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମାନପତ୍ର ପାଇ ନବରଙ୍ଗପୁର ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ମାର୍ଚ୍ଚ ମାସ ୧୫, ୧୬ ଓ ୧୭ ତାରିଖ ତିନିଦିନ ଧରି ୩୦ ତମ ଓଡ଼ିଶା ରାଜ୍ୟ ପାୱାର ଲିଫ୍ଟିଂ ଚମ୍ପିଆନସିପ୍ ୨୦୨୪ ଚାଲିଥିଲା। ୧୭ ତାରିଖ ଦିନ ନବରଙ୍ଗପୁର ଜିଲ୍ଲା ଡାବୁଗାଁର ଅନିକେତ୍ ୫୫୦ କେଜି ଓଜନ ଭାରତ୍ତୋଳନ କରି ରାଜ୍ୟସ୍ତରରେ ଦ୍ୱିତୀୟ ହୋଇ ନବରଙ୍ଗପୁର ଜିଲ୍ଲାର ଟେକ ରଖିଛନ୍ତି। ଏନେଇ ତାଙ୍କୁ ଅନେକ ଆଡୁ ଶୁଭେଚ୍ଛାର ସୁଅ ଛୁଟି ଚାଲିଛି।

# ରାସ୍ତା ଅବରୋଧ ପରେ ଖୋଳାଗଲା ନୂତନ ବୋରୱେଲ୍



**'ସକାଳ' ପ୍ରଭାବ**

**କଲ୍ୟାଣସିଂହପୁର,୧୮।୩(ସମିସ):** ପିଇବା ପାଣି ସମସ୍ୟା ପାଇଁ ରାସ୍ତା ଅବରୋଧ କରିଥିଲେ ନାରାୟଣପୁର ଗ୍ରାମବାସୀ। 'ସକାଳ' ଖବର କାଗଜରେ ପ୍ରକାଶିତ ହେଲା ପରେ ସୋମବାର ନୂତନ ବୋରୱେଲ୍ ଖନନ କରିଥିବା ଦେଖିବାକୁ ମିଳିଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ନାରାୟଣପୁର ପଞ୍ଚାୟତର ସଦର ଗାଁରେ ଗତ ୧୬ ତାରିଖ ସକାଳ ୬ଟାରୁ ଗାଁ ନିକଟ ଛକରେ ବିଶୁଦ୍ଧ ପାନୀୟ ଜଳ ପାଇଁ ରାସ୍ତା ଅବରୋଧ ହୋଇଥିଲା।

ନାରାୟଣପୁର ଗାଁରେ ୨୦୦ ପରିବାରର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ରହିଛନ୍ତି। ଏହି ଗାଁରେ ଗୋଟିଏ ସୋଲାର୍ ଟାଙ୍କି ସହ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର 'ବସୁଧା' ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଛି। ଉକ୍ତ ଗ୍ରାମରେ ଦୀର୍ଘ ଦିନ ହେବ ଜଳ ଯୋଗାଣ ବ୍ୟବସ୍ଥା ଅଚଳ ହୋଇଯାଇଥିଲା। ସୋଲାର୍ ଟାଙ୍କିରୁ ଅଳ୍ପ ପାଣି ବାହାରୁଥିବା ବେଳେ ୨୦୦ ପରିବାରକୁ ପାଣି ଅଭାବ ହେଉଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ଗ୍ରାମବାସୀ। ଗୋଟିଏ ସୋଲାର ଟାଙ୍କି ଉପରେ ଗ୍ରାମବାସୀ ନିର୍ଭର କରି ଆସୁଥିବା ହେତୁ ପାଣି ପାଇଁ ଗ୍ରାମରେ ମହିଳାମାନଙ୍କ ମଧ୍ୟରେ ଅନେକ ସମୟରେ ଝଗଡ଼ା ହେଉଥିଲେ। ପ୍ରାୟ ୩ ମାସ ହେବ ସ୍ୱଜଳଧାରା ଦ୍ୱାରା ଆସୁଥିବା ବିଶୁଦ୍ଧ ପାନୀୟ ଜଳର ପାଇପ୍ ବନ୍ଦ ଥିବା ଯୋଗୁଁ ପାଣି ପାଇପାରୁ ନ ଥିଲେ। ଯାହାଫଳରେ ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ରହୁଥିଲେ। ବାରମ୍ବାର ସ୍ଥାନୀୟ ସରପଞ୍ଚ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣେଇଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ବାଧ୍ୟ ହୋଇ ରାସ୍ତା ଅବରୋଧ କରିବାକୁ ପଡ଼ିଥିଲା। ରାସ୍ତା ଅବରୋଧ କରିବା ପରେ ସରପଞ୍ଚ ସୀତାରାମ କାଡ୍ରାକା ଘଟଣାସ୍ଥଳରେ ପହଞ୍ଚି ଏକ ପାଣି ଟାଙ୍କି ଆଣି ଗାଁରେ ଯୋଗେଇଥିଲେ। 'ସକାଳ' ଖବର କାଗଜରେ ଖବର ପ୍ରକାଶ ହେବା ପରେ ସୋମବାର ନୂତନ ବୋରୱେଲ ଖନନ ହେଉଥିବା ଦେଖିବାକୁ ମିଳିଛି। ପାଣି ସମସ୍ୟାର ସମାଧାନ ହେବାରୁ ଗ୍ରାମବାସୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସାଧୁବାଦ ଜଣେଇଛନ୍ତି।

# ନିର୍ବାଚନ ପୂର୍ବରୁ ରାୟଗଡ଼ାରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ରାୟଗଡ଼ା,୧୮।୩(ସମିସ)**



ଓଡ଼ିଶାରେ ଆସନ୍ତା ମେ' ୧୩ ତାରିଖରେ ହେବ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ। କୋରାପୁଟ ଲୋକସଭା ସଂସଦୀୟ କ୍ଷେତ୍ରର ବିଭିନ୍ନ ଆସନ ସହ ରାୟଗଡ଼ା ଜିଲ୍ଲାର ତିନିଟି ବିଧାନସଭା ଆସନର ଭୋଟରମାନେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣରେ ମତଦାନ କରିବେ। ଯାହାକୁ ନେଇ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ସହ ନିର୍ବାଚନ ପରିଚାଳନା କରିବା ପାଇଁ ରାୟଗଡ଼ା ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ରାୟଗଡ଼ା ସହରରେ ସୋମବାର ଅପରାହ୍ଣରେ ଫ୍ଲାଗମାର୍ଚ୍ଚ କରାଯାଇଛି। ନିର୍ବାଚନ ପରିଚାଳନାରେ ମାଓପ୍ରବଣ ରାୟଗଡ଼ା ଜିଲ୍ଲାରେ ପୁଲିସ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସିଆରପିଏଫ୍ ଯବାନଙ୍କ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିଶ ବିସିଙ୍କ ନିର୍ଦ୍ଦେଶ କ୍ରମେ ଏହି ଫ୍ଲାଗମାର୍ଚ୍ଚ କରାଯାଉଛି। ରାୟଗଡ଼ା ଉପଖଣ୍ଡ ପୁଲିସ ଅଧିକାରୀ ରଶ୍ମିରଞ୍ଜନ ସେନାପତି ଓ ରାୟଗଡ଼ା ଥାନା ଅଧିକାରୀ କମଳକାନ୍ତ ବସନ୍ତ କୁମାର କହଁରଙ୍କ ସମେତ ଥାନାର ଅନ୍ୟ ଏସଆଇ, ଏଏସଆଇ, କନଷ୍ଟେବଳଙ୍କ ସମେତ ରାୟଗଡ଼ାରେ ନିୟୋଜିତ ଥିବା ୪ର୍ଥ ବାଟାଲିୟନ ସିଆରପିଏଫର ଏକ ପ୍ଲାଟୁନ୍ ଯବାନ ମିଶି ସହରର ରେଲି ସାହି, ପିଟଲା ସାହି, ମାରୁତି କଲୋନୀ, ନୂଆସାହି, ରିଲାଏନ୍ସ ଏରିଆ, ବୃନ୍ଦାବାଳାସା, ଜ୍ୟୋତିମହଲ ଅଞ୍ଚଳ, ରାଣୀଗୁଡ଼ା ଫାର୍ମ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏରିଆ, ଅଣ୍ଡରଗ୍ରାଉଣ୍ଡ ରାସ୍ତା ଦେଇ ଶ୍ରୀଜଗନ୍ନାଥ ମନ୍ଦିର ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ନିର୍ବାଚନ ସମୟରେ କୌଣସି ପ୍ରକାର ବିଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ସହ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଭୋଟରମାନେ ଯେମିତି ମନରେ କୌଣସି ପ୍ରକାର ଭୟଭ୍ରାନ୍ତି ରଖିବେ ନାହିଁ ଏବଂ ପୁଲିସ ପ୍ରଶାସନ ଆମ ପଛରେ ରହିଛି ବୋଲି ସର୍ବଦା ଅନୁଭବ କରିପାରିବେ ଏବଂ କେହି ବି ନିର୍ବାଚନ ସମୟରେ କୌଣସି ପ୍ରକାର ଧମକଚମକ ଦେବା ତଥା ଭୋଟ୍ ଦେବା ପାଇଁ ମଦ, ଟଙ୍କା ଭଳି ଲାଳାୟାତ କରିବାକୁ ଚେଷ୍ଟା କଲେ ସିଧାସଳଖ ପୁଲିସକୁ ସୂଚନା ଦେବା ପାଇଁ କୁହାଯାଇଛି। ଏହା ସହ ଭୋଟରମାନେ ମନରେ ଯେମିତି କୌଣସି ଭୟ ନ କରନ୍ତି ତାହାକୁ ଏହାକୁ ଆଖି ଆଗରେ ରଖି ସୋମବାର ସହରର ଗଳିକନ୍ଦିରେ ପୁଲିସ ପକ୍ଷରୁ ଏହି ଫ୍ଲାଗମାର୍ଚ୍ଚ କରାଯାଉଛି ବୋଲି ଏସଡିପିଓ ଶ୍ରୀ ସେନାପତି ପ୍ରକାଶ କରିଛନ୍ତି।

# ଅବକାରୀ ଚଢ଼ଉ; ମଦ ଓ ପୋଚ ଜବତ, ୨ ଗିରଫ



**କୋଷାଗୁମୁଡ଼ା,୧୮।୩(ସମିସ):** ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଓ ନବରଙ୍ଗପୁର ଅବକାରୀ ଇନ୍ସପେକ୍ଟର ଦିଲ୍ଲୀପ କୁମାର ରଥ, କୋଡ଼ିଙ୍ଗା ଅବକାରୀ ଇନ୍ସପେକ୍ଟର ସୁଶୀଲ କୁମାର ଭୁଇ, ଏସ୍ଆଇ ବ୍ରିଜରାଜ ଦାମୀ, ଏଏସ୍ଆଇ ଏଲିଜା ବିଶୋଇ ଏବଂ ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକକ୍ଷ ଓ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ନେତୃତ୍ୱରେ ନିର୍ବାଚନ ଆଚରଣ ବିଧି ଲାଗୁ ପରେ ଜିଲ୍ଲାର ପ୍ରତ୍ୟେକ ସ୍ଥାନରେ ନିଶାଦ୍ରବ୍ୟ ବିକ୍ରି ଉପରେ ଚଢ଼ଉ ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଆଖି ଆଗରେ ରଖି ସୋମବାର କୋଡ଼ିଙ୍ଗା ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ପରିମାଣରେ ଦେଶୀ ମଦ ସହ ମହୁଲ ପୋଚକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି।

ମିଳିଥିବା ସୂଚନା ଅନୁଯାୟୀ, କୋଡ଼ିଙ୍ଗା ଅବକାରୀ ବିଭାଗ ଅନ୍ତର୍ଗତ ଖୁଟୁବାଇ, ଡଙ୍ଗରା, ବାକଟିଗୁଡ଼ା, ଦୁରାଗାଁ, ଟେମ୍ରା, ତେଲିଗୁଡ଼ା, ଲାଣ୍ଡୁଗୁଡ଼ା ଗାଁଗୁଡ଼ିକରେ ଚଢ଼ଉ କରାଯାଇ ପ୍ରାୟ ୨୫୩ ଲିଟର ଦେଶୀ ରନ୍ଧା ମଦ ଓ ପ୍ରାୟ ୨୩୦୦ ଲିଟର ମହୁଲ ପୋଚକୁ ଜବତ କରାଯାଇ ନଷ୍ଟ କରାଯାଇଛି। ଏହି ଦେଶୀ ମଦରେ ସମ୍ପୃକ୍ତ ଲାଣ୍ଡୁଗୁଡ଼ା ଗ୍ରାମର ତିଳୋତ୍ତମା ଭତ୍ରାଙ୍କଠାରୁ ପ୍ରାୟ ୧୧ ଲିଟର ଦେଶୀ ମଦ ଜବତ ହୋଇଥିବାବେଳେ ତେଲିଗୁଡ଼ା ଗ୍ରାମର ସୁନାସେନ ଯାନୀଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ କୋଡ଼ିଙ୍ଗା ଅବକାରୀ ବିଭାଗ କନଷ୍ଟେବଳ ଆକ୍ରମ ଖାଁ, ସଦାଶିବ ଭତ୍ରା, ରୀନା ବଡ଼ନାୟକ, ବିବେକାନନ୍ଦ ସାହୁ, ରମେଶ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ୬୨୫ କିଲୋ ଗଞ୍ଜେଇ ସହ ପିକ୍ଅପ୍ ଭ୍ୟାନ୍ ଜବତ

**ନନ୍ଦପୁର,୧୮।୩(ସମିସ):** ଓଡ଼ିଶା-ଆନ୍ଧ୍ର ସୀମାନ୍ତ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଡୁଆ ଥାନା ପୁଲିସକୁ ବଡ଼ ସଫଳତା ମିଳିଛି। ଗଞ୍ଜେଇ ଚାଲାଣ କରିବା ସମୟରେ ଏକ ପିକ୍ଅପ୍ ଭ୍ୟାନ୍ ସହ ୬୨୫ କିଲୋ ଗଞ୍ଜେଇକୁ ପାଡୁଆ ପୁଲିସ ଜବତ କରିବା ସହିତ ଜଣେ ଆନ୍ତଃରାଜ୍ୟ ମାଫିଆକୁ ଗିରଫ କରିଛି। ଗିରଫ

**● ଆନ୍ତଃରାଜ୍ୟ ମାଫିଆ ଗିରଫ**



ମାଫିଆ ଜଣକ କେରଳ ରାଜ୍ୟର ପୋଲିଆରା ଗ୍ରାମର ଆଜେଶ ବୋଲି ଜଣାପଡ଼ିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଡୁଆ ଥାନା ଏସଆଇ ହିମାଂଶୁ ବେନିଆ ଏକ ଟିମ୍ ନେଇ ସୀମାନ୍ତ ଚାଟୁଆ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଗଞ୍ଜେଇ ଚାଲାଣ ନେଇ ଖବର ପାଇ ପୁଲିସ ଚାଟୁଆ ସୀମାର ଚେକ୍ ପୋଷ୍ଟରେ ଜଗି ବସିଥିଲେ। ସେହି ସମୟରେ ପାଡୁଆ ଅଞ୍ଚଳର ବଙ୍କାପୁଟ ଗ୍ରାମରୁ ଏକ ପିକ୍ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସୁଥିବା ଦେଖି ସୀମାନ୍ତ ଚାଟୁଆ ଚେକ୍ ପୋଷ୍ଟରେ ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏହାପରେ ପୁଲିସ ଗାଡ଼ି ସହ ଗଞ୍ଜେଇକୁ ଜବତ କରିବା ସହ ମାଫିଆକୁ ଗିରଫ କରିଥିଲା। ଜବତ ଗଞ୍ଜେଇକୁ ଓଜନ କରିବା ପରେ ଗାଡ଼ିରେ ୬୨୫ କେଜି ଗଞ୍ଜେଇ ରହିଥିବା ଜଣାପଡ଼ିଥିଲା। ଏହି ଗଞ୍ଜେଇକୁ କେରଳକୁ ଚାଲାଣ ହେଉଥିବା ସୂଚନା ମିଳିଛି। ଗିରଫ ଆନ୍ତଃରାଜ୍ୟ ମାଫିଆ ଆଜେଶଙ୍କୁ ଜେରାବେଳେ ତାଙ୍କ ସହ ଥିବା ଅନ୍ୟ ସହଯୋଗୀ ବଙ୍କାପୁଟ ଗ୍ରାମର ମୁରଲୀ ଖୁଡ଼ା ବୋଲି ପ୍ରକାଶ କରିଥିବା ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇ ସୂଚନା ଦେଇଛନ୍ତି। ଏସ୍ଆଇ ଟୁନା ଶବରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଏସଡିପିଓ ସମ୍ବିତ କୁମାର ମାଝୀ ସୂଚନା ଦେଇଛନ୍ତି।

# ଚଢ଼ଉ ବେଳେ ଅବକାରୀ ଦଳ ଉପରେ ଆକ୍ରମଣ ମାମଲା; ୨ ଗିରଫ

**ଜୟପୁର,୧୮।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ ରନ୍ଧା ଉପରେ ଚଢ଼ଉବେଳେ ଅବକାରୀ ଦଳ ଉପରକୁ ଆକ୍ରମଣ ହୋଇଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ସଦର ଥାନାରେ ଅଭିଯୋଗ କ୍ରମେ ସୋମବାର ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦୁଇ ଜଣ ସ୍ଥାନୀୟ କଳାଗୁଡ଼ା ଗ୍ରାମର ଦୀପକ ଖିଲ (୨୧)




ଓରଫ ଦିଲ୍ଲୀପ ଏବଂ ରାଜକୁମାର କୁଲଦୀପ (୨୯)। ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ଗତ ୩ ତାରିଖରେ ଗିରଫ ହୋଇଥିବାବେଳେ ଜଣେ ଫେରାର୍ ରହିଛନ୍ତି। ପ୍ରକାଶ ଯେ, ଗତ ମାସ ୨୧ ତାରିଖରେ ବେଆଇନ ମଦ ରନ୍ଧା ହେଉଥିବା ଖବର ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ କଳାଗୁଡ଼ା ଗ୍ରାମ ଉପରେ ଚଢ଼ଉ କରାଯାଇଥିଲା। ଏହି ସମୟରେ ବେଆଇନ ଦେଶୀ ମଦ ପ୍ରସ୍ତୁତକାରୀ ମାଫିଆମାନେ ଅବକାରୀ ବିଭାଗ ଉପରେ ଆକ୍ରମଣ କରିଥିଲେ। ମାଫିଆମାନେ ପଥରମାଡ଼ କରିବା ସହ ଧମକଚମକ ଦେଇଥିଲେ। ଏଥିରେ କିଛି ଅବକାରୀ କର୍ମଚାରୀ ଆହତ ହେଇଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ସଦର ଥାନାରେ ଅଭିଯୋଗ ହୋଇଥିଲା ବୋଲି ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡୀ ସୂଚନା ଦେଇଛନ୍ତି।

## ପିଲାଚୋର ସନ୍ଦେହରେ ୨ ଜଣଙ୍କୁ ପୁଲିସ ଜିମାଦେଲେ ଗ୍ରାମବାସୀ

# ପୁଲିସ ଗାଡ଼ି ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଲୋକେ

**ରାୟଗଡ଼ା,୧୮।୩(ସମିସ):** ଗତ ରବିବାର ବିଳମ୍ବିତ ରାତିରେ ପିଲା ଚୋର ସନ୍ଦେହରେ ଗ୍ରାମବାସୀ ଦୁଇଜଣଙ୍କୁ ଅଟକ ରଖି ପୁଲିସ ଜିମା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଦୀର୍ଘ ୫ ଘଣ୍ଟା ପରେ ଗ୍ରାମବାସୀଙ୍କ କବଳରୁ ଅଟକ ହୋଇଥିବା ଦୁଇଜଣ ଉଦ୍ଧାର ହୋଇଥିଲେ। ତେବେ ଘଟଣାସ୍ଥଳରେ ଉତ୍ୟକ୍ତ ଲୋକେ ପୁଲିସ ଗାଡ଼ିକୁ ଭଙ୍ଗାରୁଜା କରିଥିବା ଯୋଗୁଁ ସେମାନଙ୍କୁ ପୁଲିସ ଖୋଜି ଖୋଜି ଗିରଫ କରିବ ବୋଲି ଜଣାପଡ଼ିଛି। ଏଭଳି ଘଟଣା ଦେଖିବାକୁ ମିଳିଥିଲା ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ବାଇପାସ ରୋଡ୍ ତାଡ଼ମା ଗ୍ରାମ ପଞ୍ଚାୟତରେ।

ସୂଚନାନୁଯାୟୀ, ଗତ ରବିବାର ରାତିରେ କଟଲାଗୁଡ଼ା ଛକଠାରୁ ପିତାମହଲକୁ ସଂଯୋଗ କରୁଥିବା ବାଇପାସ୍ ରୋଡରେ ଏକ ସ୍କର୍ପିଓ ଗାଡ଼ି ଦ୍ରୁତଗତିରେ ଯାଉଥିବାବେଳେ ତାଡ଼ମା ଗ୍ରାମଠାରୁ ଅଳ୍ପ ଦୂରରେ ଥିବା ଗୋପାଳପୁର ଛକ ବୁଲାଣିରେ ଏକ ବାଇକକୁ ଧକ୍କା ଦେଇଥିଲା। ଗ୍ରାମବାସୀମାନେ ଏହି ସମୟରେ ଗାଡ଼ିଟିକୁ ଅଟକାଇବାକୁ ଚାହିଁଥିବାବେଳେ ଗାଡ଼ିଟି ଅଟକି ନ ଥିଲା। ଏ ନେଇ ଗ୍ରାମବାସୀମାନେ ବାଇପାସ୍ ରୋଡରେ ଥିବା ଅନ୍ୟ ଗାଁମାନଙ୍କୁ ତୁରନ୍ତ ଖବର ଦେଇଥିବାବେଳେ ଗାଁ ଲୋକେ ରାସ୍ତାରେ ବଡ଼ ବଡ଼ ପଥର ସହ ଅନ୍ୟାନ୍ୟ ଜିନିଷ ପକାଇ ଅବରୋଧ କରିଥିଲେ। ଫଳରେ ଦ୍ରୁତଗତିରେ ଯାଉଥିବା ସ୍କର୍ପିଓ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଖାଲ ଭିତରେ ପଡ଼ିଯାଇଥିଲା। ଗାଡ଼ି ଭିତରୁ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଗାଁ ଲୋକେ ଧରି ଅଟକ ରଖିଥିବାବେଳେ ଗାଡ଼ିରେ ବସିଥିବା ଅନ୍ୟମାନେ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ସନ୍ଦେହ ଉପୁଜିବାର ମୁଖ୍ୟ କାରଣ ଥିଲା ଯେ, କିଛି ଘଣ୍ଟା ପୂର୍ବରୁ ତିନିଟି ଗାଡ଼ିରେ ସେମାନେ ଆସିଥିଲେ ଏବଂ ଗାଡ଼ି ଭିତରୁ ପିଲାମାନେ କାନ୍ଦିବା ଭଳି ଶବ୍ଦ ଶୁଣିବାକୁ ମିଳିବା ସହ ଗାଡ଼ିଟି ଦ୍ରୁତଗତିରେ ଅତିକ୍ରମ କରିଥିଲା। ଘଟଣାରେ ଦୁଇଜଣଙ୍କୁ ଗ୍ରାମବାସୀ ଅଟକ ରଖି ରାୟଗଡ଼ା ଥାନା ପୁଲିସକୁ ସୂଚନା ଦେବା ପରେ ଥାନା ଅଧିକାରୀ କେକେବିକେ କହଁରଙ୍କ ସମେତ ଥାନା ଷ୍ଟାଫ୍ ମିଶି ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ଉତ୍ୟକ୍ତ ଲୋକେ ପୁଲିସକୁ ମଧ୍ୟ ଛାଡ଼ି ନ ଥିଲେ ଏବଂ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଘଟଣାକୁ ନେଇ ଥାନା ଅଧିକାରୀ ଶ୍ରୀ କହଁରଙ୍କୁ ପଚାରିବାରୁ ଗେୟଲ ଇଣ୍ଡିଆ ପ୍ରାଇଭେଟ୍ ନାମକ ଏକ ସଂସ୍ଥାର ଗାଡ଼ିରେ କିଛି କର୍ମଚାରୀ ନିଜ ସାଥିରେ ଜଣେ ମହିଳାଙ୍କୁ ନେଇ ଯାଉଥିବାବେଳେ ଉକ୍ତ ଗାଡ଼ିକୁ ନେଇ ଏକ ପ୍ରକାର ମିଥ୍ୟା ଗୁଜବ ପ୍ରଚାରିତ ହୋଇଥିଲା। ଯାହାକୁ ନେଇ ଗ୍ରାମବାସୀମାନେ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିବାବେଳେ ଗାଡ଼ି ଡ୍ରାଇଭର ଭୟଭୀତ ହୋଇ ଦ୍ରୁତଗତିରେ ଗାଡ଼ି ନେଇ ଯାଇଥିବାରୁ ଦୁର୍ଘଟଣାର ଶିକାର ହୋଇଥିବା ପ୍ରକାଶ କରିଛନ୍ତି। ତେବେ ପୁଲିସ ଗାଡ଼ି ଭଙ୍ଗାରୁଜା ହୋଇଥିବାରୁ ଗାଡ଼ି ଭାଙ୍ଗିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ କହଁର ପ୍ରକାଶ କରିଛନ୍ତି।

**■ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି**

# ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଲେ ଏସ୍‌ପି



**କୋରାପୁଟ,୧୮।୩(ସମିସ):** ସ୍ଥାନୀୟ ପୁଲିସ ପଡ଼ିଆଠାରେ ଜିଲ୍ଲା ପୁଲିସ ତରଫରୁ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ସହିଦଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି କୋରାପୁଟ ଏସପି ଅଭିନବ ସୋନକାର। ୨୦୧୨ ମସିହାରେ କୋରାପୁଟ ଜିଲ୍ଲା ଲମତାପୁଟଠାରେ ବିସ୍ଫୋରଣରେ ଯବାନ ସୁନୀଲ ଜଗସିଂ ଓ ଶଶୀ ରଞ୍ଜନ ରାଉତ ସହିଦ ହୋଇଥିଲେ। ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ବୋମାକୁ ନିଷ୍କ୍ରିୟ କରୁଥିବାବେଳେ ହଠାତ୍ ବୋମାଟି ଫୁଟିଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ଯବାନ ସହିଦ ହୋଇଥିଲେ। ଦେଶ ମାତୃକା ପାଇଁ ପ୍ରାଣବଳି ଦେଇଥିବା ସହିଦ ଯବାନମାନଙ୍କ ବୀରତ୍ୱକୁ ମନେ ପକାଇବା ପାଇଁ ପ୍ରତିବର୍ଷ ଏହି ଦିନରେ କୋରାପୁଟ ପୁଲିସ ତରଫରୁ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥାଏ। ଚଳିତବର୍ଷ ମଧ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଦୁଇ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସହିଦ ଯବାନଙ୍କ ବଳିଦାନ କେବେ ବ୍ୟର୍ଥ ଯିବନାହିଁ। ଯବାନମାନଙ୍କ ପାଇଁ ଆମେ ସବୁବେଳେ ତତ୍ପର ରହିଛୁ। ଯବାନ ହେଉଛନ୍ତି ଦେଶର ଜଣେ ଜଣେ ରକ୍ଷକ। ସେମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ କାର୍ଯ୍ୟକୁ ଏସପି ଶ୍ରୀ ସୋନକାର ପ୍ରଶଂସା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସହିଦ ଯବାନଙ୍କ ପରିବାରଙ୍କୁ ଏସପି ଶ୍ରୀ ସୋନକାର ସମବେଦନା ଜଣାଇବା ସହ ସେମାନଙ୍କର ଭଲମନ୍ଦ ପଚାରି ବୁଝିଥିଲେ।

# ପାଡୁଆ ବୁଢ଼ି ଅଞ୍ଚଳ ଲୋକ ସଂଗଠନର ଅନଶନ

**ନନ୍ଦପୁର,୧୮।୩(ସମିସ)**




ଓଡ଼ିଶା ଆନ୍ଧ୍ର ସୀମାନ୍ତ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଡୁଆ ବୁଢ଼ି ଅଞ୍ଚଳ ଲୋକ ସଂଗଠନର କର୍ମକର୍ତ୍ତା ପାଞ୍ଚ ଦଫା ଦାବି ନେଇ ପାଡୁଆ ବଡ଼ଦେବତା ଛକରେ ଅନଶନରେ ବସିଛନ୍ତି। ବୁଢ଼ି ଅଞ୍ଚଳ ଲୋକ ସଂଗଠନ ସଭାପତି କମ୍ବୁଲୁ ଖିଲଙ୍କ ଆହ୍ୱାନ କ୍ରମେ ବୁଢ଼ି ଲୋକ ସଂଗଠନ ସମ୍ପାଦକ ନାରାୟଣ ବଡ଼ ନାୟକ, କର୍ମକର୍ତ୍ତା ମଧୁ ମାଲି, ମଙ୍ଗୁ ଖିଲ, ଦାସ କୁଲମ୍ ପେଦା, ତ୍ରିନାଥ ଭଣ୍ଡା, ପର୍ଶୁରାମ ଗୋଲରି, ବୁଦୁ ରାମ ମାଲି, ଆଦୁ ଖିଲ, ପଦମ ବାଟ ଗିରିଆ ପ୍ରମୁଖ ଅନଶନରେ ସାମିଲ ହୋଇଛନ୍ତି। ଦୀର୍ଘ ମାସ ବର୍ଷ ଧରି ଅଞ୍ଚଳର ସମସ୍ୟା ନେଇ ପ୍ରଶାସନ ନିକଟରେ ଗୁହାରି କରିଆସୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କାରୁ ନ ଥିବାରୁ ଶେଷରେ ବୁଢ଼ି ଅଞ୍ଚଳ ଲୋକ ସଂଗଠନ ପକ୍ଷରୁ ବାଧ୍ୟ ହୋଇ ଅନଶନ ଆରମ୍ଭ କରାଯାଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନରୁ ଓହରିବୁ ନାହିଁ ବୋଲି ସଂଘ ଚେତାବନୀ ଶୁଣାଇଛି। ପାଞ୍ଚ ଦଫା ଦାବି ସମୂହ ମଧ୍ୟରେ ବୁଢ଼ି ଅଞ୍ଚଳ ପଞ୍ଚାୟତର ପ୍ରତି ପରିବାରକୁ ୪ ଶହ ୟୁନିଟ୍ ମାଗଣା ବିଦ୍ୟୁତ୍, ପ୍ରଭାବିତ ପ୍ରତିଟି ପରିବାରର ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି, ପ୍ରାଜେକ୍ଟ ଅଞ୍ଚଳର ବାଲି, ଜଙ୍ଗଲ, ଜମି ବ୍ୟବହାର, ଏପି ଜେନ୍‌କୋ ପ୍ରୋଜେକ୍ଟରୁ ଡିଏମ୍ଏଫ୍ ଫଣ୍ଡକୁ ଦିଆଯାଉଥିବା ସମସ୍ତ ଫଣ୍ଡ ପାଡୁଆ ବୁଢ଼ି ଅଞ୍ଚଳର ବିକାଶରେ ଖର୍ଚ୍ଚ କରାଯିବ ଏବଂ ପାଡୁଆ ଅଞ୍ଚଳକୁ ବ୍ଲକ୍ ଘୋଷଣା ନେଇ ଦାବି ରହିଛି।

# ଟଙ୍କା ଫେରାଇ ମାନବିକତାର ପରିଚୟ ଦେଲେ ଆଇନଜୀବୀ



**କୋରାପୁଟ,୧୮।୩(ସମିସ):** ନିଜ ବ୍ୟାଙ୍କ ଖାତାକୁ ଆସିଥିବା ଟଙ୍କା ଫେରାଇ ମାନବିକତାର ପରିଚୟ ଦେଇଛନ୍ତି କୋରାପୁଟର ଯୁବ ଆଇନଜୀବୀ ଶରତ ପଟ୍ଟନାୟକ। ସୂଚନା ଅନୁଯାୟୀ, ଗତ ଶନିବାର ଶ୍ରୀ ପଟ୍ଟନାୟକଙ୍କ ବ୍ୟାଙ୍କ ଖାତାକୁ ଅଚାନକ ୨ ଲକ୍ଷ ୫୩ ହଜାର ୭୨୫ ଟଙ୍କା ଜମା ହୋଇଥିଲା। ଏତେଗୁଡ଼ିଏ ଟଙ୍କା ତାଙ୍କ ବ୍ୟାଙ୍କ ଖାତାରେ ଜମା ହେବାକୁ ନେଇ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏତେ ଟଙ୍କା କିପରି ତାଙ୍କ ବ୍ୟାଙ୍କ ଖାତାକୁ ଆସିଲା ସେନେଇ ତର୍ଜମା କଲେ। ତାଙ୍କର କେହି ସମ୍ପର୍କୀୟ କି ବାକିଥିବା କୌଣସି ଟଙ୍କା ତାଙ୍କ ପାଖକୁ ଆସି ନ ଥିବା ସେ ଜାଣିବାକୁ ପାଇଥିଲେ। ତେବେ ସେହିଦିନ ସନ୍ଧ୍ୟାରେ ଚେନ୍ନାଇରୁ ଜଣେ ମହିଳା ଫୋନ୍ କରି କହିଲେ ଯେ କମ୍ପାନୀ ଆକାଉଣ୍ଟରୁ ଅନ୍ୟ ଆକାଉଣ୍ଟକୁ ଟଙ୍କା ପଠାଉଥିବାବେଳେ ଭୁଲବଶତଃ ତାଙ୍କ ଆକାଉଣ୍ଟକୁ ପଇସା ଚାଲି ଯାଇଥିଲା। ଫୋନ୍ କରିଥିବା ମହିଳାଙ୍କୁ ଟଙ୍କା ଫେରାଇବା ପାଇଁ ଶରତ ଆଶ୍ୱାସନା ଦେବା ସହିତ ଏନେଇ ବ୍ୟାଙ୍କ ସହିତ ଆଲୋଚନା କରିଥିଲେ। ବ୍ୟାଙ୍କ ଓ ଟଙ୍କା ଆସିଥିବା ସମ୍ପୃକ୍ତ କମ୍ପାନୀ ସହିତ ଯୋଗାଯୋଗ କରି ସେ ସମସ୍ତ ଟଙ୍କା କମ୍ପାନୀ ଆକାଉଣ୍ଟକୁ ଫେରସ୍ତ କରିଛନ୍ତି। ଶରତଙ୍କ ଆକାଉଣ୍ଟକୁ ଏତେଗୁଡ଼ିଏ ଟଙ୍କା ଆସିବା ସତ୍ତ୍ୱେ ସେ ଲୋଭର ବଶବର୍ତ୍ତୀ ନ ହୋଇ ସମସ୍ତ ଟଙ୍କା ଫେରାଇ ଦେଇଥିବାରୁ ଉକ୍ତ କମ୍ପାନୀ କର୍ତ୍ତୃପକ୍ଷ ଶରତଙ୍କୁ ସାଧୁବାଦ ଜଣାଇଛନ୍ତି।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ ହୋଇନି 'ଇ-ଅଫିସ'

# ଅଭିଯାନରୁ ବାଦ୍ ପଡ଼ିଛି ରାଜ୍ୟର ଏକମାତ୍ର ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର,୧୮।୩(ସମିସ)**

କର୍ତ୍ତୃପକ୍ଷଙ୍କ ଅପାରଗତା ଓ ଖାମଖିଆଲି ମନୋଭାବ ଯୋଗୁଁ ସରକାରଙ୍କ ଅନେକ ଦୂରଦୃଷ୍ଟି ସମ୍ପନ୍ନ ଯୋଜନାର ସଠିକ୍ ରୂପାୟନ ହୋଇପାରୁ ନାହିଁ। ଏଭଳି ଘଟଣା ଘଟିଛି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ। ଫାଇଲରେ ନୁହଁ ବରଂ ସମସ୍ତ

- ▶▶ ଫେରିଯାଇଛି ୫ ଲକ୍ଷ ଟଙ୍କା
- ▶▶ କର୍ମଚାରୀଙ୍କୁ ସ୍ୱତନ୍ତ୍ର ତାଲିମ ସହ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ କରିବାକୁ ପ୍ରଚେଷ୍ଟା ଜାରି



ସରକାରୀ କାର୍ଯ୍ୟ ଅନ୍‌ଲାଇନରେ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏଥିପାଇଁ କର୍ମଚାରୀଙ୍କୁ ସ୍ୱତନ୍ତ୍ର ତାଲିମ ସହ କମ୍ପ୍ୟୁଟର ମଧ୍ୟ ଦିଆଯାଇଥିଲା। ଏହି କ୍ରମରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ଗତ ୨୦୨୧ମସିହାରେ ୫ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ମଧ୍ୟ ମିଳିଥିଲା। ତେବେ ଉକ୍ତ ଅର୍ଥର ସଦୁପଯୋଗ ନିର୍ଦ୍ଧାରିତ ସମୟ ମଧ୍ୟରେ କରାନଯିବା ଫଳରେ ଅନୁଦାନ ଅର୍ଥ ୨୦୨୧ମସିହା ସେପ୍ଟେମ୍ବର ମାସରେ ଫେରିଯାଇଥିବା ଜଣାପଡିଛି। ଫଳରେ ରାଜ୍ୟର ସମସ୍ତ ୧୭ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ୧୬ଟି ବିଶ୍ୱବିଦ୍ୟାଳୟରେ ଇ-ଅଫିସ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଯାହା ବର୍ତ୍ତମାନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଏଥିରୁ ବାଦ ପଡିଥିବା ଜଣାପଡିଛି। ଏଭଳି ସ୍ଥିତି ଯୋଗୁଁ ବିଶ୍ୱବିଦ୍ୟାଳୟରେ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ଅନ୍‌ଲାଇନ ପରିବର୍ତ୍ତେ ଅଫ୍‌ଲାଇନରେ ଫାଇଲ କାମ ହେଉଥିବାରୁ କୌଣସି ନଥିପତ୍ର ସଠିକ ଭାବେ ନଥିବା ଜଣାପଡିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଇ-ଅଫିସ କାର୍ଯ୍ୟକାରୀ କରିବା ଜରୁରୀ ହୋଇପଡିଛି। ତେବେ ଏହାକୁ ପୁନଃ କାର୍ଯ୍ୟକାରୀ କରିବାକୁ ଫେରିଯାଇଥିବା ସରକାରୀ ଅନୁଦାନ ପୁଣି ବିଶ୍ୱବିଦ୍ୟାଳୟକୁ ଫେରିପାରିବ କି ନାହିଁ ତାକୁ ନେଇ ସନ୍ଦେହ ରହିଛି। ତେବେ ଇ-ଅଫିସର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାକୁ କାର୍ଯ୍ୟକାରୀ କରିବାକୁ ଯାଇ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡଃ ଗୀତାଞ୍ଜଳୀ ଦାଶ ଗତ ଶନିବାର ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ତାଲିମର ଆୟୋଜନ କରିଥିଲେ। ଏହାକୁ ନିୟମିତ କରିବା ସହ ଆସନ୍ତା ଏପ୍ରିଲ ପହିଲାରୁ ବିଶ୍ୱବିଦ୍ୟାଳୟରେ ଇ-ଅଫିସ କାର୍ଯ୍ୟକ୍ଷମ କରିବାକୁ ଆପାତତଃ ନିଷ୍ପତ୍ତି ନିଆଯାଇଥିବା ଭାରପ୍ରାପ୍ତ କୁଳପତି ପ୍ରଫେସର ଦାଶ ସୂଚନା ଦେଇଛନ୍ତି।

**● କୋରା ସେଠୀ ହତ୍ୟା ମାମଲା**

# ସାକ୍ଷୀକୁ ହତ୍ୟା ଧମକ, ଥାନାରେ ଏତଲା

**ବ୍ରହ୍ମପୁର,୧୮।୩(ସମିସ):** ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ନିକଟରେ କୋରାସେଠୀ ହତ୍ୟା ମାମଲାର ସାକ୍ଷୀଙ୍କୁ ହତ୍ୟା ଧମକ ହୋଇଛି। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, କିଛିବର୍ଷ ପୁର୍ବେ କୋରା ସେଠୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ସାକ୍ଷୀ ଏକାଧିକ ରହିଛନ୍ତି। ସାକ୍ଷୀ ମାନଙ୍କ ମଧ୍ୟରୁ ମୃତ କୋରାଙ୍କ ପୁଅ ପ୍ରଶାନ୍ତ କୁମାର ସେଠୀ ଓ ତାଙ୍କ ସହଯୋଗୀ ମୁକେଶ ମଣ୍ଡଳ ଅନ୍ୟତମ ସାକ୍ଷୀ ଅଟନ୍ତି। ସୋମବାର ସ୍ଥାନୀୟ ବ୍ରହ୍ମପୁର କୋର୍ଟରେ କୋରା ସେଠୀ ହତ୍ୟା ମାମଲାର ତାରିଖ ଧାର୍ଯ୍ୟ ରହିଥିଲା। ସେଥିପାଇଁ ପ୍ରଶାନ୍ତ ତାର ସହଯୋଗୀ ମୁକେଶ କୋର୍ଟକୁ ଆସିଥିଲେ। କୋର୍ଟ କାମ ସାରି ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ନିକଟରେ ମୁରଲୀ ସାହୁ ଓରଫ ମିଟୁ, ରିସି ସାହୁ, ଟୁନା ନାୟକ ଆଦି ଯୁବକମାନେ ପ୍ରଶାନ୍ତ ସେଠୀକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ କେସର ସମାଧାନ ନ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ଜାତିଆଣ ମନ୍ତବ୍ୟରେ ଗାଳି କରିଥିବା ପ୍ରଶାନ୍ତ ନିଜ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ।

# ଜୁଆ ଆଡ୍ଡାରେ ଚଢ଼ଉବେଳେ ପୁଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ

**ବ୍ରହ୍ମପୁର, ୧୮ ।୩(ସମିସ):** ଏକ ଜୁଆ ଆଡ୍ଡାରେ ଚଢ଼ାଉ ବେଳେ ପୁଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ କରିବା ମହଙ୍ଗା ପଡ଼ିଛି। ଏହି ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ୩ଜଣ ଯୁବକକୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ କେ ନୁଆଗାଁ ଥାନା ଅନ୍ତର୍ଗତ ରାଧାମୋହନପୁର ଗ୍ରାମର ରଞ୍ଜନ ସାହୁ(୨୬) ଚିକିଟିପେଣ୍ଠର କାହ୍ନୁ ଚରଣ ସାହୁ(୧୯) ଓ ଜରଡ଼ା ଥାନା ଅନ୍ତର୍ଗତ ପଦାଦିଗିର ବି. ଗଙ୍ଗା(୩୩)। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୬୪ହଜାର ୮୦ଟଙ୍କା, ଦୁଇଟି ବାଇକ ଜବତ କରିଛି।

**୩ ଜୁଆଡ଼ି ଗିରଫ, ୬୪ ହଜାର ଟଙ୍କା ଓ ୨ଟି ବାଇକ ଜବତ**

ସୂଚନାଯୋଗ୍ୟ ଯେ, ୧୭ତାରିଖ ରାତି ୧୧ଟା ୨୦ସମୟରେ ଗୋପାଳପୁର ଥାନା ପୁଲିସ କର୍ମଚାରୀମାନେ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ଥାନାର ଏସଆଇ ଶିଶିର କାନ୍ତ ସାହାଣୀଙ୍କୁ ଖବର ମିଳିଲା ଯେ, ସ୍ଥାନୀୟ କରାପଲ୍ଲୀ ନିକଟସ୍ଥ ଏକ ରେଷ୍ଟୁରାଣ୍ଟ ନିକଟରେ ଥିବା ଏକ ଖୋଲା ପଡ଼ିଆରେ କିଛି ଯୁବକ ବସି ଜୁଆ ଖେଳୁଛନ୍ତି। ଗୋପାଳପୁର ଥାନା ଅଧିକାରୀ ଶରତ କୁମାର ମାହାଲିକଙ୍କ ନିର୍ଦ୍ଦେଶକ୍ରମେ ଖବରର ସତ୍ୟତା ଜାଣିବା ପାଇଁ ଏସଆଇ ଶିଶିର କାନ୍ତ ସାହାଣୀ, କନେଷ୍ଟବଳ ବିଶ୍ୱନାଥ ରେଡ୍ଡି, ଉପେନ୍ଦ୍ର କୁମାର ବେହେରା, ଓଏପିଏଫ ସରୋଜ କୁମାର ଭୂୟାଁ, ଏ ଗମାଙ୍ଗ ଓ ହୋମଗାର୍ଡ ଆନୀଷ୍ ଖାନ୍ ଉକ୍ତ ଜୁଆ ଆଡ଼ାରେ ପହଞ୍ଚି ଚଢାଉ କରିଥିଲେ। ଚଢାଉ ବେଳେ ରଞ୍ଜନ ଓ କାହ୍ନୁ ଏସଆଇ ଶିଶିର କାନ୍ତ ସାହାଣୀ ଓ କିଛି ପୁଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ଏସଆଇ ସାହାଣୀଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରୁ ପୁଲିସ ରଞ୍ଜନ, କାହ୍ନୁ ଓ ଗଙ୍ଗାଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ନଗଦ ୬୪ହଜାର ୮୦ଟଙ୍କା ୨ଟି ବାଇକ ଜବତ କରିଥିଲା। ଘଟଣାକୁ ନେଇ ଏସଆଇ ସାହାଣୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଗଙ୍ଗାଙ୍କୁ ନୋଟିସ୍ ଦେଇ ଛଡ଼ାଯାଇଥିବା ଜଣାପଡ଼ିଛି।

**ସିଆରସିସିଙ୍କ ଉପରକୁ ବୋମାମାଡ଼ ଘଟଣା**

# ଦୁଇ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ

**ବ୍ରହ୍ମପୁର, ୧୮ ।୩(ସମିସ)**

ତ୍ରିକୋଣୀୟ ପ୍ରେମ ଶତ୍ରୁତାକୁ ନେଇ ଦିଗପହଣ୍ଡି ବ୍ଲକର ସିଆରସିସିଙ୍କ ଉପରେ ହୋଇଥିବା ବୋମାମାଡ ଘଟଣାର ପର୍ଦ୍ଦାଫାସ୍ କରି ଛି ପୁଲିସ। ଘଟଣାରେ ସମ୍ପୃକ୍ତ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଫାଷ୍ଟଗେଟ ଗାୟତ୍ରୀ ବିହାର ନିବାସୀ ତଥା ମୁଖ୍ୟ ଅଭିଯୁକ୍ତ ସୁଦର୍ଶନ ପାଢ଼ୀ(୩୯) ଓ ଫାଷ୍ଟଗେଟ କାଲୁଆ ସାହିର ସୁମନ ପଟ୍ଟନାୟକ(୨୦), ଫାଷ୍ଟଗେଟ ଅଟୋ ନଗରର ଦୀପକ ଓରଫ ଦିପୁ ସାହୁ(୨୧) ଓ ଫାଷ୍ଟଗେଟ ତେଲି ମଶାଣି ଆପାର୍ଟମେଣ୍ଟର କାଳିଆ ସାହୁ(୨୦)। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଗୋଟିଏ ବାଇକ, ଗୋଟିଏ ଖଣ୍ଡା, ଗୋଟିଏ ଜୀବନ୍ତ ବୋମା ଓ ୩ଟି ମୋବାଇଲ ଜବତ କରିଥିବା ସୋମବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଟୁକୁନା ଭୂୟାଁଙ୍କ ପତ୍ନୀ କିଛି ବର୍ଷହେଲା ତାଙ୍କ ଠାରୁ ଭିନ୍ନ ହୋଇ ରହୁଛନ୍ତି। ତାଙ୍କ ପତ୍ନୀଙ୍କ ସହ ସୁଦର୍ଶନ ପାଢ଼ୀଙ୍କ ମଧ୍ୟରେ ପୂର୍ବରୁ ପରିଚୟ ରହିଥିଲା। ସେହିକ୍ରମରେ ଟୁକୁନାଙ୍କ ଝିଅ ସହ ମଧ୍ୟ ସୁମନଙ୍କର ପୂର୍ବରୁ ପରିଚୟ ଥିଲା। ଅନ୍ୟପକ୍ଷରେ ସୁଦର୍ଶନଙ୍କ ପତ୍ନୀ ଓ ଟୁକୁନାଙ୍କ ମଧ୍ୟରେ ଭଲ ବନ୍ଧୁତା ରହିଥିଲା। ହେଲେ ଟୁକୁନା ଦିନେ ସୁମନଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରି ଝିଅ ସହ ସମ୍ପର୍କ ନରଖିବାକୁ ଚେତାବନୀ ଦେଇଥିଲା। ଏଭଳି ହେଲେ ଥାନାରେ ଅଭିଯୋଗ କରିବାକୁ ମଧ୍ୟ ଧମକ ଦେଇଥିଲା। ସେହି ଘଟଣା ଠାରୁ ଟୁକୁନା ଓ ସୁମନଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ସେହିଭଳି ଟୁକୁନାଙ୍କ ପତ୍ନୀଙ୍କ ସହ ସୁଦର୍ଶନଙ୍କ ବନ୍ଧୁତା ଦେଖି ଟୁକୁନା ସହ୍ୟ କରିପାରୁ ନଥିଲେ। ସେହିଭଳି ସୁଦର୍ଶନଙ୍କ ପତ୍ନୀ ସହ ଟୁକୁନା କଥାବାର୍ତ୍ତା କରୁଥିବା ସୁଦର୍ଶନ ଜାଣିପାରିଥିଲା। ଏଭଳି ଭାବେ ଟୁକୁନା ଓ ସୁଦର୍ଶନଙ୍କ ମଧ୍ୟରେ ଶତ୍ରୁତା ରହିଥିଲା। ଟୁକୁନାକୁ ରାସ୍ତାରୁ ହଟାଇ ତାର ସବୁ ସମ୍ପତ୍ତି ହଡ଼ପ କରିବା ପାଇଁ ସୁଦର୍ଶନ ଓ ସୁମନ ହାତ ମିଶାଇ ଯୋଜନା କରିଥିଲେ। ଯୋଜନା ମୁତାବକ ଗତ ୧୪ତାରିଖ ଦିନ ସୁଦର୍ଶନଙ୍କ ସମେତ ତାଙ୍କ ତିନି ସହଯୋଗୀ ରଘୁପତି ନଗରରେ ଭଡ଼ାଘରେ ରହୁଥିବା ଟୁକୁନା ଭୂୟାଁଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ସୁଦର୍ଶନଙ୍କ ଉପରୋକ୍ତ ତିନି ସହଯୋଗୀମାନେ ଘର ତଳେ ଅପେକ୍ଷା କରିଥିବା ବେଳେ ସୁଦର୍ଶନ ଟୁକୁନାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଘରେ ପଶି ଟୁକୁନାଙ୍କ ଉପରକୁ ବୋମାମାଡ କରିଥିଲେ। ବୋମାମାଡ଼ ପରେ ଉପରୋକ୍ତ ଚାରିଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପଳାୟନ କରିବା ସମୟରେ ଗୁରୁତର ଆହତ ଟୁକୁନା ଆକ୍ରମଣରେ ସମ୍ପୃକ୍ତ ସୁମନ, ସୁଦର୍ଶନ ଓ ତାର ସହଯୋଗୀଙ୍କୁ ଦେଖିଦେଇଥିଲେ। ପରିବାର ସଦସ୍ୟଙ୍କ ସହ ସ୍ଥାନୀୟ ଲୋକେ ଟୁକୁନାଙ୍କୁ ଉଦ୍ଧାର କରି ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଖବରପାଇ ବ୍ରହ୍ମପୁର ଏସପି ମେଡ଼ିକାଲରେ ପହଁଞ୍ଚି ଟୁକୁନାଙ୍କ ଠାରୁ ଘଟଣା ବିଷୟରେ ପଚାରିବୁଝିବା ସହ ବୟାନ ରେକର୍ଡ କରିଥିଲେ। ଅନ୍ୟପକ୍ଷରେ ସୁମନ ପଟ୍ଟନାୟକ ଓ ତାଙ୍କ ସହଯୋଗୀମାନେ ଏହି ବୋମାମାଡ଼ କରିଥିବା ଟୁକୁନାଙ୍କ ପୁଅ ସ୍ୱଂଶୁ ଶାଶ୍ୱତ ଭୂୟାଁ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉପରୋକ୍ତ ଅଭିଯୁକ୍ତମାନେ ଟୁକୁନା ଭୂୟାଁଙ୍କୁ ହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଥିଲା। ପୁଲିସ ଏହି ଘଟଣାରେ ଉପରୋକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ହୋଇଥିବା ଚାରିଜଣଙ୍କ ମଧ୍ୟରୁ କାଳିଆ ସାହୁ ଓ ଦୀପୁ ସାହୁ ନାମରେ ପୂର୍ବରୁ ଗୋଟିଏ ଲେଖାଁଏ ଅପରାଧିକ ମାମଲା ଥାନାରେ ରହିଥିବା ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି। ଆକ୍ରମଣ ପାଇଁ ଅଭିଯୁକ୍ତଙ୍କୁ କିଏ ଖଣ୍ଡା ଓ ବୋମା ଯୋଗାଇଛି ସେନେଇ ପୁଲିସର ତଦନ୍ତ ଜାରି ରହିଛି।




**ବୋମାମାଡ଼ ପଛରେ ତ୍ରିକୋଣୀୟ ପ୍ରେମ**

**ପୁଲିସ ସ୍କାନରରେ ଖଣ୍ଡା ଯୋଗାଇଥିବା ବ୍ୟକ୍ତି**

**ଖଣ୍ଡା, ବୋମା ଓ ବାଇକ୍ ଜବତ**

# ଭ୍ରାମ୍ୟମାଣ ପଶୁଚିକିତ୍ସା ଆମ୍ବୁଲାନ୍ସରୁ ମିଳୁନି ସେବା, ପଶୁପ୍ରେମୀ ଅସନ୍ତୁଷ୍ଟ

**ବ୍ରହ୍ମପୁର, ୧୮ ।୩(ସମିସ):** ମନୁଷ୍ୟର ଚିକିତ୍ସାସେବା ଭଳି ପ୍ରାଣୀମାନଙ୍କ ଉତ୍ତମ ଚିକିତ୍ସାସେବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ରହିଛି ସ୍ୱତନ୍ତ୍ର ବ୍ୟବସ୍ଥା। ଏଥି ନିମନ୍ତେ ସବୁ ସହର ଓ ଗ୍ରାମାଞ୍ଚଳରେ ସ୍ୱତନ୍ତ୍ର ଭ୍ରାମ୍ୟମାଣ ପଶୁଚିକିତ୍ସା ଆମ୍ବୁଲାନ୍ସ ରହିଛି। ଏହି ଆମ୍ବୁଲାନ୍ସ ଜରିଆରେ ପ୍ରାଣୀଚିକିତ୍ସା ସୁବିଧା ନଥିବା ଅଞ୍ଚଳରେ ଅସୁସ୍ଥ ପ୍ରାଣୀଙ୍କୁ ଚିକିତ୍ସାସେବା ଯୋଗାଇ ଦିଆଯାଉଛି। ସେହିପରି ବ୍ରହ୍ମପୁର ସହରର ଥିବା ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ଭ୍ରାମ୍ୟମାଣ ପଶୁଚିକିତ୍ସା ଆମ୍ବୁଲାନ୍ସ ରହିଛି। ପଶୁପକ୍ଷୀଙ୍କ ଚିକିତ୍ସାସେବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଆନିମଲ ହେଲ୍ପଲାଇନ ନମ୍ବର ୧୯୬୨ ଜାରି କରାଯାଇଛି। ହେଲ୍ପଲାଇନ ନମ୍ବର ଜରିଆରେ ଅଥବା ଅନ୍ୟକୌଣସି ସୂତ୍ରରୁ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟଗତ ତଥା ଦୁର୍ଘଟଣା ଜନିତ ଆହତ ସମ୍ପର୍କିତ ସୂଚନା ମିଳିବା ମାତ୍ରେ ଘଟଣାସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚି ଆହତ ପଶୁପକ୍ଷୀଙ୍କ ଚିକିତ୍ସା କରିବା ନିୟମ। ଏଥିପାଇଁ ଏହି ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ଆମ୍ବୁଲାନ୍ସରେ ଜଣେ ପ୍ରାଣୀ ଚିକିତ୍ସକ, ଜଣେ ଆଟେଣ୍ଡାଣ୍ଟ ଓ ଡ୍ରାଇଭରଙ୍କୁ ନିୟୋଜିତ କରାଯାଇଛି। ଏଥି ସହିତ ଆବଶ୍ୟକ ସ୍ଥଳେ ସ୍ଥାନୀୟ ଏଲଆଇ ଉପସ୍ଥିତ ରହି ସହଯୋଗ କରିବେ। ଆମ୍ବୁଲାନ୍ସରେ ପ୍ରାଣୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ପରିମାଣର ଔଷଧ ମଧ୍ୟ ମହଜୁଦ ରହିଥାଏ। ଏସବୁ ସୁବିଧା ସତ୍ତ୍ୱେ ହେଲ୍ପଲାଇନ ନମ୍ବରକୁ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କିତ ସୂଚନା ଦେଲେ ମଧ୍ୟ ଦିର୍ଘ ସମୟ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚୁଥିବା ପ୍ରଶୁପ୍ରେମୀମାନେ ଅଭିଯୋଗ କରିଛନ୍ତି। ସୋମବାର ସ୍ଥାନୀୟ ନେହୁରୁ ନଗର ୬ମ ଗଳିରେ ଏକ ଷଣ୍ଢ ଆହତ ହୋଇ ପଡ଼ି ରହିଥିଲା। ସ୍ଥାନୀୟ ଭବାନୀ ଶଙ୍କର ବେହେରା ନାମକ ଜଣେ ପଶୁପ୍ରେମୀ ପୂର୍ବାହ୍ନରେ ଆନିମଲ ହେଲ୍ପଲାଇନ ନମ୍ବର ଜରିଆରେ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏହାର ଦିର୍ଘ ସମୟ ପରେ ମଧ୍ୟ ଘଟଣାସ୍ଥଳରେ କୌଣସି ପ୍ରାଣୀ ଚିକିତ୍ସକ ଅଥବା ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ନଥିଲେ। ଫଳରେ ସେ ବାରମ୍ବାର ଉକ୍ତ ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିଥିଲେ। ପରେ ଦିର୍ଘ ଦେଢ଼ ଘଣ୍ଟା ପରେ ଘଟଣାସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚି ଆହତ ଷଣ୍ଢର ଚିକିତ୍ସା କରିଥିଲେ। ସେହିପରି ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ ମାଗଣା ଔଷଧର ବ୍ୟବସ୍ଥା ଥିଲେ ହେଁ ତାହା ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି। ଏଭଳି କ୍ଷେତ୍ରରେ ବହୁ ନିରୀହ ପଶୁପକ୍ଷୀ ଅକାଳରେ ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି। ଅନ୍ୟପକ୍ଷରେ କେବଳ ନିର୍ଦ୍ଧାରିତ ସମୟରେ ହିଁ ଅର୍ଥାତ୍ ସକାଳ ୬ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ପ୍ରାଣୀଚିକିତ୍ସା ଆମ୍ବୁଲାନ୍ସ ସେବା ଉପଲବ୍ଧ ହେଉଛି। ରାତ୍ରି ୧୦ଟା ପରେ ଜାତୀୟ ରାଜପଥରେ ଯଦି କୌଣସି ପଶୁପକ୍ଷୀ ଦୁର୍ଘଟଣାର ଶୀକାର ହୁଅନ୍ତି ତେବେ ସଠିକ୍ ସମୟରେ ଚିକିତ୍ସା ମିଳିପାରୁ ନାହିଁ। ଯଦ୍ୱାରା ଜାତୀୟ ରାଜପଥରେ ବହୁ ପଶୁପକ୍ଷୀଙ୍କ ଜୀବନହାନୀ ଘଟୁଛି। ଏହି ସମସ୍ୟା ନେଇ ପଶୁପ୍ରେମୀମାନେ ବହୁବାର ଅଭିଯୋଗ କରିବା ପରେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ। ଏନେଇ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ମନୋଜ ସାହୁ ନିଜ ପ୍ରତିକ୍ରୀୟାରେ କହିଛନ୍ତି, ଯେ କୌଣସି ପଶୁପକ୍ଷୀଙ୍କ ଦୁର୍ଘଟଣା କିମ୍ବା କୌଣସି ସ୍ୱାସ୍ଥ୍ୟଗତ ସମସ୍ୟାର ଖବର ପାଇବା ମାତ୍ରେ ମେଡିକାଲରୁ ଆମ୍ବୁଲାନ୍ସ ଘଟଣାସ୍ଥଳକୁ ବାହାରିଯାଏ। ତେବେ ଟ୍ରାଫିକ ସମସ୍ୟା ଯୋଗୁଁ ଅନେକ କ୍ଷେତ୍ରରେ ବିଳମ୍ବ ହୁଏ। ବିଭିନ୍ନ ସମୟରେ ଗୋଟିଏ ଘଟଣାରେ ବାରମ୍ବାର ଫୋନ ଆସୁଥିବା ବେଳେ ସମସ୍ତ ସମୟରେ ଯିବା ସମ୍ଭବ ନୁହଁ। ପ୍ରତ୍ୟେକ ମାସରେ ୬୦ରୁ ୮୦ଟି ଫୋନ ଆସିଥାଏ। ସେଥି ମଧ୍ୟରୁ ପ୍ରାୟ ଶତକଡ଼ା ୪୦ପ୍ରତିଶତ ଫୋନ ଡାକ୍ତର, ଆମ୍ବୁଲାନ୍ସ ଡ୍ରାଇଭର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ବ୍ୟକ୍ତିଗତ ମୋବାଇଲକୁ ଆସିଥାଏ। ଏଥି ସହିତ ଲୋକଙ୍କ ଦାବି ପ୍ରକାରେ ୨୪ଘଣ୍ଟିଆ ଆମ୍ବୁଲାନ୍ସ ସେବା ସହ ଇନଡୋର ବ୍ୟବସ୍ଥା ନିମନ୍ତେ ବିଭାଗକୁ ପ୍ରସ୍ତାବ ଦିଆଯାଇଥିବା ଡ଼ା. ସାହୁ ସୂଚନା ଦେଇଛନ୍ତି।




# ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

**ବ୍ରହ୍ମପୁର, ୧୮ ।୩(ସମିସ):** କିଛି ଦିନ ହେଲା ଦିନରେ ତାତି ବଢ଼ିଥିବା ବେଳେ ଅପରାହ୍ନରେ ମେଘୁଆ ସହ ସାମାନ୍ୟ ବର୍ଷା ହେଉଛି। ଏହିକ୍ରମରେ ଆସନ୍ତା ଦୁଇ ଦିନ ପାଇଁ ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଙ୍ଗ ଜାରି କରାଯାଇଛି। ଏହି ସମୟରେ ବୈଶାଖୀ ବର୍ଷା ହେତୁ ବିଜୁଳି, ଘଡ଼ଘଡ଼ି ସହ ପବନର ବେଗ ୪୫ରୁ ୫୫ ରହିବା ସହ ୭ ମିଲି ମିଟରଠାରୁ ୧୧ମିମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେଣୁ ଚାଷୀ ମାନଙ୍କୁ କୁଆଁ ପଥର ବର୍ଷା ଲାଗି ଫସଲ ଉପରେ ନେଟ ବ୍ୟବହାର କରିବା ପାଇଁ ସୂଚନା ଦିଆଯାଇଛି।

# ପ୍ରଫେସର ଇଲ୍ଲାରାଣୀ ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା

**ବ୍ରହ୍ମପୁର, ୧୮ ।୩(ସମିସ):** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପକ୍ଷରୁ ପ୍ରଫେସର ଇଲ୍ଲାରାନୀ ପଟ୍ଟନାୟକଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ସ୍ୱର୍ଗତ ପ୍ରଫେସର ପଟ୍ଟନାୟକଙ୍କ ସ୍ମୃତିଚାରଣ କରାଯିବା ସହ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠିତ ସଭାରେ ବିଶ୍ୱବିଦ୍ୟାଳୟ ଭରପ୍ରାପ୍ତ କୁଳପତି ପ୍ରଫେସର ଡ଼. ଗୀତାଞ୍ଜଳି ଦାଶ, କୁଳସଚିବ ସୁଶ୍ରୀ ଶାନ୍ତି ସୁଧା ପାତ୍ର, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପଦ୍ମିନୀ ସାହୁ, ପରୀକ୍ଷା ନିୟନ୍ତ୍ରକ ଡ଼. ମନୋଜ ପଟ୍ଟନାୟକ, ରାସାୟନିକ ବିଜ୍ଞାନ ବିଭାଗର ମୁଖ୍ୟ ଡ଼. ବିଭୁ ପ୍ରସାଦ ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ପ୍ରଫେସର ପଟ୍ଟନାୟକ ଗତ ୨୦୨୨ମସିହାରେ ଚାକିରୀରୁ ଅବସରରେ ନେଇଥିଲେ। ସେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ପୂର୍ବତନ ଅଧ୍ୟକ୍ଷ ସହ ରାସାୟନିକ ବିଜ୍ଞାନ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥଲେ। ଅବସର ପରେ ସେ କୋରାପୁଟ ସ୍ଥିତ ନିଜ ଝିଅଙ୍କ ନିକଟରେ ରହିଆସୁଥିଲେ। ଗତ ସପ୍ତାହରେ ହଠାତ୍ ପ୍ରଫେସର ଇଲ୍ଲାରାଣୀ ପଟ୍ଟନାୟକ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୬ତାରିଖ ରାତିରେ ଦେହାନ୍ତ ଘଟିଥିଲା।



# ଗଞ୍ଜାମ 'ଶିଶୁ ମଙ୍ଗଳ କମିଟି' ଅଧ୍ୟକ୍ଷଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ

**ବ୍ରହ୍ମପୁର, ୧୮ ।୩(ସମିସ):** ବଦଳିଲେ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ। ଗତ ଜୁଲାଇ ମାସରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଜରିଆରେ ଆଇନଜୀବୀ ପ୍ରମୋଦ କୁମାର ପଣ୍ଡା ଅଧ୍ୟକ୍ଷଙ୍କ ସମେତ ଅନ୍ୟ ୪ଜଣ ସଦସ୍ୟ ନିଯୁକ୍ତ ହୋଇଥିଲେ। ତେବେ ଦାୟିତ୍ୱ ଗ୍ରହଣର ମାତ୍ର କିଛି ମାସ ମଧ୍ୟରେ କମିଟି ଅଧ୍ୟକ୍ଷଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆସିଥିଲା। ଯାହାକୁ ନେଇ ବିଭାଗ ପକ୍ଷରୁ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ନୋଟିସ ଜାରି କରାଯାଇଥିଲା। ତେବେ ଯେଉଁସବୁ ଅଭିଯୋଗ ଆସିଥିଲା ସେଗୁଡିକର ସନ୍ତୋଷଜନକ ଉତ୍ତର ରଖିନପାରିବାରୁ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ତଥା ଆଇନଜୀବୀ ପ୍ରମୋଦ କୁମାର ପଣ୍ଡାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଗତ ୧୩ତାରିଖରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ପ୍ରକାରେ ପ୍ରମୋଦ କୁମାର ପଣ୍ଡାଙ୍କୁ ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟରେ ଯୋଗ ନଦେବାକୁ କୁହାଯାଇଛି। ଏପରିକି ତୁରନ୍ତ କାର୍ଯ୍ୟଭାର କମିଟିର ସଦସ୍ୟ ଡଃ ଦିଲ୍ଲିପ କୁମାର ତ୍ରିପାଠୀଙ୍କୁ ହସ୍ତାନ୍ତର କରିବାକୁ ମଧ୍ୟ କୁହାଯାଇଛି। ଫଳରେ କମିଟିର ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କୁ ଦାୟିତ୍ୱରୁ ବାହାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅସ୍ଥାୟୀ ଅଧ୍ୟକ୍ଷ ଭାବେ ଡଃ ଦିଲ୍ଲିପ କୁମାର ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିବା ଚିଠିରୁ ଜଣାପଡ଼ିଛି। ସେପଟେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୧୫ତାରିଖରେ ପ୍ରମୋଦ କୁମାର ପଣ୍ଡାଙ୍କୁ ବ୍ୟକ୍ତିଗତ ହାଜର ପାଇଁ ନୋଟିସ ଜାରି କରାଯାଇଥିଲା। ସୂଚନାଯୋଗ୍ୟ ଯେ' ପ୍ରମୋଦ କୁମାର ପଣ୍ଡାଙ୍କ ବିରୋଧରେ ଅନିୟମିତତା, ଦାୟିତ୍ୱରେ ଅବହେଳା ଓ ଅମାନ୍ୟ, ଉତ୍ପୀଡ଼ନ ଓ ନିଷ୍ଠୁରତା ଭଳି ଅଭିଯୋଗ ରହିଥିଲା। କମିଟିର ସଦସ୍ୟ ଦିଲ୍ଲିପ କୁମାର ତ୍ରିପାଠୀଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ମିଳିବା ପରେ ୫ଜଣ ବିଶିଷ୍ଟ ଏହି କମିଟିରେ ବର୍ତ୍ତମାନ ମାତ୍ର ୩ଜଣ ରହିଲେ। ପୂର୍ବରୁ କମିଟି ସଦସ୍ୟା ସୌଦାମିନୀ ରଥଙ୍କର ହତ୍ୟା ହୋଇଥିବା ବେଳେ ବର୍ତ୍ତମାନ କମିଟି ଅଧ୍ୟକ୍ଷଙ୍କୁ ଦାୟିତ୍ୱରୁ ନିବୃତ ରଖାଯାଇଛି। ଫଳରେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ଭାରପ୍ରାପ୍ତ ଅଧ୍ୟକ୍ଷ ଦିଲ୍ଲିପ କୁମାର ତ୍ରିପାଠୀଙ୍କ ସମେତ ଦୁଇ ଜଣ ସଦସ୍ୟ ପ୍ରଣବ ପାଢ଼ୀ ଓ ଲୀନା ଚାନ୍ଦ କାର୍ଯ୍ୟ କରିବେ। ପରବର୍ତ୍ତି ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଦିଲ୍ଲିପ କୁମାର ତ୍ରିପାଠୀ କମିଟିର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି।



**ବହୁ ଅଭିଯୋଗ ଆଧାରରେ ନିଆଯାଇଛି ପଦକ୍ଷେପ, ଦାୟିତ୍ୱ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ**

**ଅସ୍ଥାୟୀ ଅଧ୍ୟକ୍ଷ ଭାବେ ନିଯୁକ୍ତ ହେଲେ ସଦସ୍ୟ ଡ. ଦିଲୀପ କୁମାର ତ୍ରିପାଠୀ**

**୫ଜଣ ବିଶିଷ୍ଟ ଶିଶୁ ମଙ୍ଗଳ କମିଟିରେ ଖାଲିପଡ଼ିଲା ଦୁଇ ସଦସ୍ୟଙ୍କ ସ୍ଥାନ**

**ନିର୍ବାଚନ ଆଚରଣ ବିଧି ଲାଗୁ**

# ସହରରୁ ହଟୁଛି ପୋଷ୍ଟର, ବ୍ୟାନର






**ବ୍ରହ୍ମପୁର, ୧୮ ।୩(ସମିସ):** ସାଧାରଣ ନିର୍ବାଚନ ଘୋଷଣା ହେବା ପରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ରାଜନୈତିକ ହୋର୍ଡ଼ିଂ, ପୋଷ୍ଟର, ବ୍ୟାନର ହଟାଯାଉଛି। ଏଥିନିମନ୍ତେ ୧୦ରୁ ଉର୍ଦ୍ଧ୍ୱ ଗାଡ଼ି ଓ ଏନଫୋର୍ସମେଣ୍ଟ ଷ୍ଟାଫ ନିୟୋଜିତ ରହିଛନ୍ତି। ସୋମବାର ଉତ୍କଳ ଆଶ୍ରମ ରୋଡ଼, ଷ୍ଟେସନ ରୋଡ଼, କୋର୍ଟପେଟା, ଗେଟ ବଜାର, ଫାଷ୍ଟଗେଟ, ହାଉସିଂ ବୋର୍ଡ଼, ବ୍ରହ୍ମା ନଗର, ଅର୍ବାନ ବ୍ୟାଙ୍କ ରୋଡ଼, ଲାଞ୍ଜିପଲ୍ଲୀ, ଆଙ୍କୁଲି ଆଦି ବିଭିନ୍ନ ସ୍ଥାନରେ ଲାଗିଥିବା ହୋର୍ଡ଼ିଂ ପୋଷ୍ଟର ବ୍ୟାନର ହଟାଯାଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ପରଠାରୁ ଏନଫୋର୍ସମେଣ୍ଟ ଟିମ ସହରର ସମସ୍ତ ଯାଗାରେ ଲାଗିଥିବା ବ୍ୟାନର ଆଦିକୁ ହଟାଇବାରେ ଲାଗିପଡ଼ିଛି।

# ଆଲର୍ଜି ସଚେତନତା ଓ ସ୍ୱାସ୍ଥ୍ୟ ସେବା ଶିବିର

**ବ୍ରହ୍ମପୁର, ୧୮ ।୩(ସମିସ):** ସ୍ଥାନୀୟ ହରିହରନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ସୋମବାର ଶୀତପିତ୍ତ ବା ଆଲର୍ଜି ରୋଗ ସଚେତନା ଓ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଯୋଗଦେଇ ଆଲର୍ଜି ସମ୍ପର୍କରେ ସଚେତନତା କରିଥିଲେ। କଙ୍କଡା, ଚିଙ୍ଗୁଡି, ଆମିଷ, ମିଠା, ବିନ୍ସ, ବାସି ବାଇଗଣ, ଆଦି ଖାଦ୍ୟ ସେବନ ଓ କୀଟଦଂଷନ ଦ୍ୱାରା ମଧ୍ୟ ଆଲର୍ଜି ହୋଇ ଅନ୍ତଃଚର୍ମରେ ଗୋଲ ଗୋଲ ଫଳିଯାଏ ବୋଲି ଡ଼ା. ସାହୁ କହିଥିଲେ। ଏହାର ନିରାକରଣ ନିମନ୍ତେ ପ୍ରଥମେ ବାନ୍ତି ଓ ସଫା ଝାଡ଼ା ହେବା ଆବଶ୍ୟକ। ନିମ୍ବ ଓ ହଳଦୀ ବାଟି ଆଲର୍ଜି ହୋଇଥିବା ସ୍ଥାନରେ ଲଗାଇବା ଓ ନିମ୍ବ ହଳଦୀକୁ କିଛିଦିନ ଖାଇବା ଦ୍ୱାରା ଆରୋଗ୍ୟ ହୋଇଥାଏ ବୋଲି ଡାକ୍ତର ସାହୁ କହିଥିଲେ। ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁରୋଗ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରକୁ ଡି. ଶ୍ରୀନିବାସ ପରିଚାଳନା କରିଥିଲେ।



